# ଭାରତ ସ୍ୱାକ୍ଷର କରିଥିବା ବାଳୁତ ସୁରକ୍ଷା ଆନ୍ତର୍ଜାତିକ ରାଜିନାମାସମୂହ

କେବଳ ଆଇ.ଏଲ୍.ଓ. (ଆନ୍ତର୍ଜାତିକ ଶ୍ରମ ସଂସ୍ଥା)ର କେତେକ ଘୋଷଣାନାମାଗୁଡ଼ିକୁ ବାଦ୍ ଦେଇ ଭାରତ ସରକାର ବାଳୁତ ବିକାଶ ସଂକ୍ରାନ୍ତୀୟ ବିଭିନ୍ନ ଆନ୍ତର୍ଜାତିକ ସନନ୍ଦ, ଘୋଷଣାନାମା ଓ ରାଜିନାମାରେ ସ୍ୱାକ୍ଷର କରିଛି । ତେଣୁ ଏକ ସ୍ୱାକ୍ଷରକାରୀ ରାଷ୍ଟ୍ର ଭାବେ ଉକ୍ତ ଦଲିଲ୍‌ଗୁଡ଼ିକରେ ସ୍ଥାନିତ ହୋଇଥିବା ନୀତି ଓ ମାନଦଣ୍ଡଗୁଡ଼ିକ ପ୍ରତି ଭାରତ ଅଙ୍ଗୀକାରବଦ୍ଧ । ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ସମୁଚିତ ଆଇନ୍ ଓ ନୀତି ପ୍ରଣୟନ କରିବା ଦିଗରେ ପ୍ରଚେଷ୍ଟାରତ ରହିଆସିଛନ୍ତି । ଯଦିଓ ଏକଥା ସତ, ଏ କ୍ଷେତ୍ରରେ ଏବେବି ଅନେକ ବ୍ୟବଧାନ ଓ ଅସଂଗତି ଦୃଷ୍ଟିଗୋଚର ହୁଏ । ପ୍ରଥମେ ଆମେ ଦେଖିବା, ଭାରତ ସରକାର କେଉଁସବୁ ଆନ୍ତର୍ଜାତିକ ସନନ୍ଦ, ଘୋଷଣାନାମା ଓ ରାଜିନାମାରେ ସ୍ୱାକ୍ଷର କରିଛି । ସେଗୁଡ଼ିକ ହେଲା-

୧- ଗଣିକା ଓ ଅନ୍ୟମାନଙ୍କୁ ଶୋଷଣ କରିବା ଉଦ୍ଦେଶ୍ୟରେ ବ୍ୟକ୍ତିଚାଲାଣର ଦମନ ପାଇଁ ରାଜିନାମା, ୧୯୪୯ ଯାହାକି ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ୨ ଡିସେମ୍ବର ୧୯୪୯ରେ ଗୃହୀତ ହୋଇ ୨୫ଜୁଲାଇ ୧୯୫୧ରେ ବଳବତ୍ତର ହେଲା ।

୨- ସର୍ବନିମ୍ନ ବୟସ ରାଜିନାମା, ୧୯୭୩, ଯାହାକି ଆଇ.ଏଲ୍.ଓ.ର ସାଧାରଣ ସମ୍ମିଳନୀରେ ୬ ଜୁନ୍ ୧୯୭୩ରେ ଗୃହୀତ ହୋଇଥିଲା ।

୩- ମହିଳାମାନଙ୍କ ବିରୁଦ୍ଧରେ ସମସ୍ତ ପ୍ରକାର ବାଛବିଚାର ନିରାକରଣ ପାଇଁ ରାଜିନାମା, ୧୯୭୯, ଯାହାକି ଯାହାକି ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ୧୯୭୯ରେ ଗୃହୀତ ହୋଇଥିଲା ।

୪- ବାଳୁତ ଅଧିକାର ଉପରେ ମିଳିତ ଜାତିସଂଘର ଘୋଷଣାନାମା, ୧୯୮୯, ଯାହାକି ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ୨୦ ନଭେମ୍ବର ୧୯୮୯ ଦିନ ଗୃହୀତ ହୋଇ ୨ ସେପ୍ଟେମ୍ବର ୧୯୯୦ରେ ବଳବତ୍ତର ହୋଇଥିଲା ।

୫- ସମସ୍ତଙ୍କ ପାଇଁ ଶିକ୍ଷା ଉପରେ ବିଶ୍ୱ ସମ୍ମିଳନୀ, ୧୯୯୦ ଯାହାକି ଥାଇଲାଣ୍ଡର ଜୋମ୍‌ତିଏନ୍ ଠାରେ ୧୫୫ଟି ଦେଶର ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା ।

୬- ଜଳ ଏବଂ ପରିମଳ ଉପରେ ବିଶ୍ୱ ସମ୍ମିଳନୀ, ୧୯୯୦, ଯାହାକି ୟୁ.ଏନ୍.ଡି.ପି. ଆନୁକୂଲ୍ୟରେ ନୂଆଦିଲ୍ଲୀ ଠାରେ ୧୦-୧୪ ସେପ୍ଟେମ୍ବର ୧୯୯୦ରେ ୧୧୫ଟି ଦେଶର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା ।

୭- ବିଶ୍ୱ ବାଳୁତ ଶିଖର ସମ୍ମିଳନୀ, ୧୯୯୦, ଯାହାକି ୨୯-୩୦ ସେପ୍ଟେମ୍ବର ୧୯୯୦ରେ ମିଳିତ ଜାତିସଂଘ ଠାରେ ଅନୁଷ୍ଠିତ ହୋଇଥିଲା ଓ ଯେଉଁଥିରେ ରାଷ୍ଟ୍ରସମୂହର ମୁଖ୍ୟ ଓ ପ୍ରତିନିଧିମାନେ ଯୋଗ ଦେଇ ବାଳୁତର ଜୀବନରକ୍ଷା, ସୁରକ୍ଷା ଓ ବିକାଶ ଉପରେ ଏକ ବିଶ୍ୱ ଘୋଷଣାନାମା ପ୍ରତି ନିଜର ଅଙ୍ଗୀକାର ପ୍ରଦର୍ଶନ କରିଥିଲେ ତଥା ୧୯୯୦ଦଶନ୍ଦିରେ ଏହାର କାର୍ଯ୍ୟକାରିତା ପାଇଁ ଏକ କର୍ମଯୋଜନାରେ ସ୍ୱାକ୍ଷର କରିଥିଲେ ।

୮- ସଶସ୍ତ୍ର ସଂଘର୍ଷରେ ବାଳୁତମାନଙ୍କୁ ଜଡ଼ିତ କରିବା ଉପରେ ଇଚ୍ଛାଧୀନ ଚୁକ୍ତିନାମାସମୂହ, ୨୦୦୦, ଯାହାକି ମିଳିତ ଜାତିସଂଘର ସାଧାରଣ ଅଧିବେଶନର ୨୫ମେ ୨୦୦୦ ପ୍ରସ୍ତାବ ଅନୁଯାୟୀ ଗୃହୀତ ହୋଇଥିଲା ଏବଂ ୧୨ ଫେବୃଆରି ୨୦୦୨ରେ ବଳବତ୍ତର ହୋଇଥିଲା ।

୯- ବାଳୁତ ବିକ୍ରୀ, ବାଳୁତ ବେଶ୍ୟାବୃତ୍ତି ଏବଂ ବାଳୁତ ଅଶ୍ଳୀଳତା ଉପରେ ଇଚ୍ଛାଧୀନ ଚୁକ୍ତିନାମା, ୨୦୦୫, ଯାହାକି ମିଳିତ ଜାତିସଂଘର ସାଧାରଣ ଅଧିବେଶନର ୨୫ମେ ୨୦୦୦ ପ୍ରସ୍ତାବ ଅନୁଯାୟୀ ଗୃହୀତ ହୋଇଥିଲା ଏବଂ ୧୮ ଜାନୁଆରି ୨୦୦୨ରେ ବଳବତ୍ତର ହୋଇଥିଲା ।

୧୦- ସ୍ୱାତନ୍ତ୍ର୍ୟରୁ ବଞ୍ଚିତ କିଶୋରମାନଙ୍କ ସୁରକ୍ଷା ପାଇଁ ମିଳିତ ଜାତିସଂଘର ନିୟମାବଳୀ, ୧୯୯୦, ଯାହାକି ମିଳିତ ଜାତିସଂଘର ସମୂହ ବୈଠକରେ ୧୪ ଡିସେମ୍ବର ୧୯୯୦ରେ ଗୃହୀତ ହୋଇଥିଲା ।

୧୧. କିଶୋର ନ୍ୟାୟର ପ୍ରଶାସନ (ବେଜିଂ ନିୟମାବଳୀ) ପାଇଁ ମିଳିତ ଜାତିସଂଘର ସର୍ବପ୍ରଯୁଜ୍ୟ ସର୍ବନିମ୍ନ ନିୟମାବଳୀ, ୧୯୮୫, ଯାହାକି ୨୯ ନଭେମ୍ବର ୧୯୮୫ରେ ମିଳିତ ଜାତିସଂଘର ୯୬ତମ ସମୂହ ବୈଠକରେ ଗୃହୀତ ହୋଇଥିଲା ।

୧୨. କିଶୋର ପଥଭ୍ରଷ୍ଟତାର ନିବାରଣ ପାଇଁ ମିଳିତ ଜାତିସଂଘର ମାର୍ଗଦର୍ଶୀକା (ରିଆଦ୍ ମାର୍ଗଦର୍ଶୀକା), ୧୯୯୦, ଯାହାକି ୧୪ ଡିସେମ୍ବର ୧୯୯୦ରେ ମିଳିତ ଜାତିସଂଘର ୬୮ତମ ସମୂହ ବୈଠକରେ ଗୃହୀତ ହୋଇଥିଲା ।

୧୩. ଆନ୍ତଃଦେଶୀୟ ପୋଷ୍ୟତା ଗ୍ରହଣ ଉପରେ ହେଗ୍ ବାଳୁତ ସୁରକ୍ଷା ଓ ସହଯୋଗ ରାଜିନାମା, ୧୯୯୩, ଯାହାକି ୧୦ ମେ ୧୯୯୩ରେ ଗୃହୀତ ହୋଇଥିଲା ।

୧୪. ବାଳୁତ ଅଧିକାର ଉପରେ ସାର୍କ ଦଶନ୍ଧି ୨୦୦୧-୧୦, ଯାହାକି ସାର୍କ ରାଷ୍ଟ୍ରସମୂହ (ଯଥା ବାଂଲାଦେଶ, ଭୁଟାନ୍, ଭାରତ, ମାଳଦ୍ୱୀପ, ନେପାଳ, ପାକିସ୍ଥାନ ଓ ଶ୍ରୀଲଙ୍କା)ଙ୍କ ଦ୍ୱାରା କାଠମାଣ୍ଡୁ ଠାରେ ୫ ଜାନୁଆରି ୨୦୦୨ରେ ସ୍ୱାକ୍ଷରିତ ହୋଇଥିଲା ।

୧୫. ଗଣିକାବୃତ୍ତିରେ ନିୟୋଜନ ପାଇଁ ମହିଳା ଓ ବାଳୁତ ଚାଲାଣର ନିଷେଧ ଓ ପ୍ରତିରୋଧ ଉପରେ ସାର୍କ ରାଜିନାମା, ୨୦୦୨, ଯାହାକି ସାର୍କ ରାଷ୍ଟ୍ରସମୂହଙ୍କ ଦ୍ୱାରା କାଠମାଣ୍ଡୁ ଠାରେ ୫ ଜାନୁଆରି ୨୦୦୨ରେ ସ୍ୱାକ୍ଷରିତ ହୋଇଥିଲା ।

୧୬. ବାଳୁତ ସୁରକ୍ଷା ଓ କଲ୍ୟାଣ ପାଇଁ ଆଞ୍ଚଳିକ ବ୍ୟବସ୍ଥାସମୂହ ଉପରେ ସାର୍କ ରାଜିନାମା, ୨୦୦୨, ଯାହାକି ସାର୍କ ରାଷ୍ଟ୍ରସମୂହଙ୍କ ଦ୍ୱାରା କାଠମାଣ୍ଡୁ ଠାରେ ୫ ଜାନୁଆରି ୨୦୦୨ରେ ସ୍ୱାକ୍ଷରିତ ହୋଇଥିଲା ।

୧୭. ସହସ୍ରାବ୍ଦ ବିକାଶ ଲକ୍ଷ୍ୟସମୂହ (ଏମ୍.ଡି.ଜି.), ଯାହାକି ସେପ୍ଟେମ୍ବର ୨୦୦୦ରେ ମିଳିତ ଜାତିସଂଘ ଦ୍ୱାରା ଘୋଷିତ ହୋଇଥିଲା ଏବଂ ଯାହାକି ୧୫ ବର୍ଷ ଭିତରେ ୮ଟି ପ୍ରମୁଖ ଲକ୍ଷ୍ୟ ପୂରଣ ପାଇଁ ଅଙ୍ଗୀକାରବଦ୍ଧ । ଏହି ୮ଟି ଲକ୍ଷ୍ୟ ହେଲା, ଚରମ ଦାରିଦ୍ର୍ୟ ଓ ଅନାହାରର ଅବସାନ, ସାର୍ବଜନୀନ ପ୍ରାଥମିକ ଶିକ୍ଷା, ଲିଙ୍ଗ ସମାନତା ଓ ମହିଳା ସଶକ୍ତୀକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଜନନୀ ସ୍ୱାସ୍ଥ୍ୟର ଉନ୍ନତି, ଏଚ୍.ଆଇ.ଭି./ ଏଡସ୍, ମ୍ୟାଲେରିଆ ଓ ଅନ୍ୟାନ୍ୟ ରୋଗର ମୁକାବିଲା, ସୁସ୍ଥାୟୀ ପରିବେଶ ସୁରକ୍ଷା, ବିକାଶ ପାଇଁ ଆନ୍ତର୍ଜାତିକ ସହଭାଗିତା ।

## ସମ୍ବିଧାନରେ ବାଳୁତ କଲ୍ୟାଣ ଓ ସୁରକ୍ଷା

ଭାରତର ସମ୍ବିଧାନ ଶିଶୁ ଓ ବାଳୁତର ଦୁର୍ବଳ ସ୍ଥିତିକୁ ସ୍ୱୀକାର କରିବା ସହିତ ସେମାନଙ୍କର ବିକାଶ ଓ ସୁରକ୍ଷା ପାଇଁ ବିଭିନ୍ନ ସ୍ୱତନ୍ତ୍ର ବ୍ୟବସ୍ଥାମାନ ସ୍ଥାନିତ କରିଛି । ସମ୍ବିଧାନର ଭାଗ-୩ (ମୌଳିକ ଅଧିକାରସମୂହ) ଅଧୀନରେ ସ୍ଥାନିତ ହୋଇଥିବା **ଧାରା-୧୫(୧)**ରେ ଯଦିଓ କୁହାଯାଇଛି ଯେ, ଧର୍ମ, ବଂଶ, ଜାତି, ଲିଙ୍ଗ ଓ ଜନ୍ମସ୍ଥାନ ଭେଦରେ ରାଷ୍ଟ୍ର କୌଣସି ନାଗରିକ ବିରୁଦ୍ଧରେ ବାଛବିଚାର କରିବନାହିଁ, **ଧାରା-୧୫(୩)**ରେ ସ୍ପଷ୍ଟ କରିଦିଆଯାଇଛି ଯେ, ଉକ୍ତ ପ୍ରାବ୍ଧାନ ରାଷ୍ଟ୍ରକୁ ମହିଳା ଓ ବାଳୁତମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ ପ୍ରଣୟନ କରିବା କ୍ଷେତ୍ରରେ ବାଧା ଦେବନାହିଁ । ଉକ୍ତ ଭାଗ-୩ ଅଧୀନରେ ସ୍ଥାନିତ ହୋଇଥିବା **ଧାରା-୧୪**(ଆଇନ୍ ସମ୍ମୁଖରେ ସମାନତା), **ଧାରା-୧୬** (ସର୍ବସାଧାରଣ କର୍ମନିଯୁକ୍ତି ବିଷୟଗୁଡିକ କ୍ଷେତ୍ରରେ ସୁଯୋଗ ପ୍ରଦାନରେ ସମାନତା), ଧାରା-୧୭ (ଅସ୍ପୃଶ୍ୟତାର ନିବାରଣ), **ଧାରା-୨୧** (ଜୀବନ ଓ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟର ସୁରକ୍ଷା) ଓ **ଧାରା-୨୩**(ମାନବ ଚାଲାଣ ଓ ବେଠି ଶ୍ରମର

ନିଷେଧ) ସମସ୍ତ ନାଗରିକଙ୍କ ପାଇଁ ପ୍ରଯୁଜ୍ୟ ହେଉଥିବାରୁ ଶିଶୁ ଓ ବାଳୁତ ମାନଙ୍କ ପାଇଁ ମଧ୍ୟ ସମାନ ଭାବେ ପ୍ରଯୁଜ୍ୟ । **ଧାରା-୨୪** (କାରଖାନା ଇତ୍ୟାଦିରେ ବାଳୁତମାନଙ୍କୁ ନିଯୁକ୍ତିକୁ ନିଷେଧ)ରେ ସିଧାସଳଖ ବିପଜ୍ଜନକ ଶ୍ରମକ୍ଷେତ୍ରରେ ବାଳୁତମାନଙ୍କୁ ନିୟୋଜନ କରିବା ନିଷିଦ୍ଧ ହୋଇଛି । ଏଠାରେ ପୁଣି ଉଲ୍ଲେଖନୀୟ ଯେ, ୮୬ତମ ସମ୍ବିଧାନ ସଂଶୋଧନ ୨୦୦୨ ବଳରେ ଧାରା-୨୧ ଅଧୀନରେ **ଧାରା-୨୧(ଏ)** ଯୋଡାଗଲା, ଯେଉଁଥିରେ କୁହାଯାଇଛି, ରାଷ୍ଟ୍ର ସମସ୍ତ ୬ରୁ ୧୪ବର୍ଷ ବାଳୁତମାନଙ୍କୁ ସ୍ୱ-ନିରୂପିତ ପଦ୍ଧତିରେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇଦେବ । କିନ୍ତୁ ଏହା କେବେଠାରୁ କାର୍ଯ୍ୟକାରୀ ହେବ, ତାହା ଉକ୍ତ ସଂଶୋଧନ ଆଇନ୍ ଅନୁଯାୟୀ ରାଷ୍ଟ୍ର ଉପରେ ନ୍ୟସ୍ତ କରାଯାଇଛି ।

ସମ୍ବିଧାନର ଭାଗ-୪ରେ ରାଷ୍ଟ୍ରର ବିଧିବିଧାନ ପ୍ରଣୟନ ପାଇଁ ମାର୍ଗଦର୍ଶୀ ନୀତିମାନ ସ୍ଥାନିତ ହୋଇଛି । ଶିଶୁ ଓ ବାଳୁତର ସ୍ୱାର୍ଥ ଦୃଷ୍ଟିରୁ ଏହାର ନିମ୍ନୋକ୍ତ ବ୍ୟବସ୍ଥାମାନ ଗୁରୁତ୍ୱପୂର୍ଣ୍ଣ –

**ଧାରା-୩୯(ଇ)**ରେ କୁହାଯାଇଛି ଯେ, ଶ୍ରମଜୀବି ପୁରୁଷ ଓ ମହିଳାଙ୍କର ଶ୍ରମଶକ୍ତି ତଥା ବାଳୁତମାନଙ୍କର କୋମଳ ବୟସର ଦୁରୂପଯୋଗ କରାଯିବ ନାହିଁ ଏବଂ ଆର୍ଥିକ ଦୁରବସ୍ଥାର ଚାପରେ ପଡି ସେମାନେ ଯେପରି ସେମାନଙ୍କର ବୟସ କିମ୍ବା ଶକ୍ତି ଦୃଷ୍ଟିରୁ ଅନୁକୂଳ ହେଉନଥିବା କୌଣସି ପ୍ରକାର ଖଟଣି କରିବାକୁ ବାଧ୍ୟ ନହୁଅନ୍ତି, ସେଥିପ୍ରତି ରାଷ୍ଟ୍ର ଦୃଷ୍ଟି ଦେବ ।

**ଧାରା-୩୯(ଏଫ୍)**ରେ କୁହାଯାଇଛି ଯେ, ବାଳୁତମାନେ ଯେପରି ଏକ ସୁସ୍ଥ ରୀତିରେ ଏବଂ ସ୍ୱାଧୀନତା ଓ ମର୍ଯ୍ୟାଦାର ପରିବେଶ ଭିତରେ ବିକାଶ ଲାଭ କରିପାରିବେ ସେଥିପାଇଁ ସେମାନଙ୍କୁ ସୁବିଧାସୁଯୋଗ ଯୋଗାଇ ଦିଆଯିବ ତଥା ଶୋଷଣ ଏବଂ ନୈତିକ ଓ ଭୌତିକ ନିସହାୟତାରୁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବ ।

**ଧାରା-୪୨**ରେ କୁହାଯାଇଛି ଯେ, ଯେଉଁ ବାତାବରଣରେ ନାଗରିକମାନେ ଶ୍ରମ କରିବେ, ତାହା ନ୍ୟାୟୋଚିତ ତଥା ମାନବୀୟ ହୋଇଥିବା ଆବଶ୍ୟକ ତଥା ମହିଳାମାନଙ୍କ ପାଇଁ ପ୍ରସୂତି ଛୁଟିର ବ୍ୟବସ୍ଥା କରାଯିବା ଆବଶ୍ୟକ ।

୮୬ତମ ସମ୍ବିଧାନ ସଂଶୋଧନ ୨୦୦୨ ବଳରେ ସଂଶୋଧିତ ହୋଇଥିବା **ଧାରା-୪୫**ରେ କୁହାଯାଇଛି ଯେ, ୬ବର୍ଷରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତି ଶିଶୁକୁ ରାଷ୍ଟ୍ର ସଅଳ ଶିଶୁ ଯତ୍ନ ଓ ଶିକ୍ଷା ଯୋଗାଇଦେବ ; କିନ୍ତୁ ଏହି ବ୍ୟବସ୍ଥା କେବେଠାରୁ କାର୍ଯ୍ୟକାରୀ ହେବ, ତାହା ରାଷ୍ଟ୍ର ବିଜ୍ଞପ୍ତି ବଳରେ ନିର୍ଦ୍ଧାରଣ କରିବ ।

**ଧାରା ୫୧-ଏ (ନାଗରିକମାନଙ୍କର ମୌଳିକ ଦାୟିତ୍ୱାବଳୀ)ର ଉପଧାରା (ଏଚ୍)**ରେ କୁହାଯାଇଛି ଯେ, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ମାନବିକତା ଏବଂ ଅନୁସନ୍ଧିତ୍ସୁ ଏବଂ ସଂସ୍କାରକାମୀ ମନୋଭାବର ଅଭିବୃଦ୍ଧି ଘଟାଇବାକୁ ପଡିବ ।

ଏହାଛଡା **ସମ୍ବିଧାନର ଧାରା ୨୪୩(ଜି) ସହିତ ଅନୁସୂଚୀ-୧୧**ର ମିଶ୍ରିତ ଅଧ୍ୟୟନରୁ ଜଣାପଡେ ଯେ, ଏହି ଅନୁସୂଚୀରେ ସ୍ଥାନିତ ହୋଇଥିବା ୨୯ଟି ବିଷୟ ପଞ୍ଚାୟତ ଉପରେ ନ୍ୟସ୍ତ କରାଯିବ । ତନ୍ମଧ୍ୟରେ ରହିଛି ଅନୁସୂଚୀର ବିନ୍ଦୁ-୨୫ (ମହିଳା ଓ ଶିଶୁବିକାଶ), ବିନ୍ଦୁ-୧୭ (ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା), ବିନ୍ଦୁ-୨୪ (ପରିବାର କଲ୍ୟାଣ), ବିନ୍ଦୁ-୨୩ (ସ୍ୱାସ୍ଥ୍ୟ ଓ ପରିମଳ) ତଥା ବିନ୍ଦୁ-୨୬ (ପଙ୍ଗୁ ଓ ମାନସିକ ଅନଗ୍ରସରମାନଙ୍କ କଲ୍ୟାଣ) ।

# ଜାତୀୟ ବାଳୁତ ନୀତି

ଭାରତ ସରକାରଙ୍କ ସମାଜ କଲ୍ୟାଣ ବିଭାଗ ଦ୍ୱାରା ୨୨ ଅଗଷ୍ଟ ୧୯୭୪ରେ ଜାତୀୟ ବାଳୁତ ନୀତି ଘୋଷିତ ହୋଇଥିଲା । ଏହାର ଉପକ୍ରମଣିକାରେ ବାଳୁତମାନଙ୍କୁ ଦେଶର ଅତୀବ ଗୁରୁତ୍ୱପୂର୍ଣ୍ଣ ସମ୍ପଦ ବୋଲି ବର୍ଣ୍ଣନା କରାଯାଇ ସେମାନ ଲାଳନପାଳନ ଓ ପ୍ରଯତ୍ନ ରାଷ୍ଟ୍ରର ଦାୟିତ୍ୱ ବୋଲି ଦର୍ଶାଯାଇଛି । ଅପରିପକ୍ୱ ବୟସରେ ସେମାନଙ୍କର ବିକାଶ ପାଇଁ ସମାନ ସୁବିଧାସୁଯୋଗ ମିଳିବ, ଯାହା ଫଳରେ ଅସମତା ହ୍ରାସ ଓ ସାମାଜିକ ନ୍ୟାୟ ପାଇଁ ଆମେ ପୋଷଣ କରିଥିବା ଲକ୍ଷ୍ୟ ସହଜସାଧ୍ୟ ହୋଇପାରିବ ।

## ଲକ୍ଷ୍ୟସମୂହ

ଏହାର ନିର୍ଦ୍ଦିଷ୍ଟ ଲକ୍ଷ୍ୟସମୂହର ଅବତାରଣା କରିବାକୁ ଯାଇ ଉକ୍ତ ନୀତି କହିଛି ଯେ, ଗୋଟିଏ ଶିଶୁକୁ ତା'ର ଜନ୍ମ ପୂର୍ବରୁ ଏବଂ ଜନ୍ମ ପରେ ତଥା ସମଗ୍ର ବିକାଶ ପର୍ଯ୍ୟାୟରେ ଆବଶ୍ୟକୀୟ ସୁବିଧାସୁଯୋଗ ଯୋଗାଇ ଦିଆଯିବ, ଯାହା ଫଳରେ ତା'ର ଶାରିରୀକ, ମାନସିକ ବିକାଶ ସହିତ ସାମାଜିକ ବ୍ୟକ୍ତିତ୍ୱର ମଧ୍ୟ ଅଭିବୃଦ୍ଧି ସମ୍ଭବ ହେବ । ରାଷ୍ଟ୍ର ଆବଶ୍ୟକ ସେବାଗୁଡ଼ିକୁ ଏକ ସମୟବଦ୍ଧ ରୀତିରେ ଯୋଗାଇ ଦେବ, ଯାହାଫଳରେ ନିମ୍ନୋକ୍ତ ଲକ୍ଷ୍ୟମାନ ପୂରଣ ହେବା ସହଜ ହେବ-

୧- ସମସ୍ତ ଶିଶୁ ଏକ ସାମଗ୍ରୀକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପରିସରଭୁକ୍ତ ହେବେ ;

୨- ଶିଶୁମାନଙ୍କ ପୁଷ୍ଟି ଅଭାବକୁ ଦୂର କରିବା ପାଇଁ ପୁଷ୍ଟିଯୁକ୍ତ ଖାଦ୍ୟଯୋଗାଣ ସେବା ଆରମ୍ଭ କରାଯିବ ;

୩- ଗର୍ଭବତୀ ମହିଳା ଏବଂ ଜନନୀମାନଙ୍କ ସ୍ୱାସ୍ଥ୍ୟ, ଯତ୍ନ ଓ ପୁଷ୍ଟି ପ୍ରତି ଧ୍ୟାନ ଦିଆଯିବା ସହିତ ପୁଷ୍ଟି ସଂପର୍କୀତ ସଚେତନତା ସେମାନଙ୍କ ଭିତରେ ପ୍ରସାର କରାଯିବ ;

୪- ୧୪ବର୍ଷ ପର୍ଯ୍ୟନ୍ତ ସମସ୍ତ ବାଳୁତ ମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇ ଦେବା ପାଇଁ ରାଷ୍ଟ୍ର ନିଜର ସମ୍ବଳକୁ ଚାହିଁ ନିର୍ଦ୍ଦିଷ୍ଟ ସମୟବଦ୍ଧ ପଦକ୍ଷେପ ଗ୍ରହଣ କରିବ । ଝିଅପିଲା ଓ ସମାଜର ଦୁର୍ବଳ ଶ୍ରେଣୀର ପିଲାମାନଙ୍କ ଶିକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବ । ପିଲାମାନଙ୍କୁ ଅଣଆନୁଷ୍ଠାନିକ ପଦ୍ଧତିରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ଯୋଗାଇ ଦିଆଯିବ ;

୫- ଯେଉଁ ପିଲାମାନେ ଆନୁଷ୍ଠାନିକ ଶିକ୍ଷାର ସୁବିଧା ନେଇ ପାରୁନାହାନ୍ତି, ସେମାନଙ୍କୁ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ଅନ୍ୟପ୍ରକାର ଶିକ୍ଷାଦାନ କରାଯିବାର ବ୍ୟବସ୍ଥା କରାଯିବ ;

୬- ସ୍କୁଲ୍, ଗୋଷ୍ଠୀକେନ୍ଦ୍ର ତଥା ସେହିଭଳି ଅନୁଷ୍ଠାନମାନଙ୍କରେ ଶାରିରୀକ ଶିକ୍ଷା, ଖେଳକୁଦ ଏବଂ ଅନ୍ୟାନ୍ୟ ମନୋରଞ୍ଜନ ତଥା ସାଂସ୍କୃତିକ ଓ ବୈଜ୍ଞାନିକ କାର୍ଯ୍ୟାବଳୀକୁ ପ୍ରୋତ୍ସାହନ ଦିଆଯିବ ;

୭- ସୁଯୋଗର ସମାନତା ଆଦର୍ଶର ପରିପାଳନ ଲକ୍ଷ୍ୟ ନେଇ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଅନୁସୂଚୀତ ଜନଜାତି, ଜାତି ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀଗୁଡ଼ିକର ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ସହାୟତାର ବ୍ୟବସ୍ଥା କରାଯିବ ;

୮- ସେହିସବୁ ପିଲା, ଯେଉଁମାନେ ସାମାଜିକ ଦୃଷ୍ଟିରୁ ଅକ୍ଷମ ହୋଇଥିବେ, ଅଥବା ପଥଭ୍ରଷ୍ଟ ହୋଇଥିବେ ଅଥବା ଭିକ୍ଷାବୃତ୍ତି ଅବଲମ୍ବନ ପାଇଁ ବାଧ୍ୟ ହୋଇଥିବେ ଅଥବା ଅନ୍ୟ କୌଣସି କାରଣରୁ ଦୁସ୍ଥିତିର ଶୀକାର

ହୋଇଥିବେ, ସେମାନଙ୍କୁ ଶିକ୍ଷା, ତାଲିମ୍ ଏବଂ ଥଇଥାନର ସୁଯୋଗ ଦିଆଯିବ ଏବଂ ସେମାନେ ଯେପରି ହିତକାରୀ ନାଗରିକରେ ପରିଣତ ହୋଇପାରିବେ, ସେଥିପାଇଁ ସହାୟତା କରାଯିବ ।

୯- ଶିଶୁମାନଙ୍କୁ ଅବହେଳା, ନିଷ୍ଠୁରତା ଓ ଶୋଷଣ କବଳରୁ ସୁରକ୍ଷା ଦିଆଯିବ ।

୧୦-୧୪ବର୍ଷରୁ କମ୍ କୌଣସି ପିଲା କୌଣସି ବିପଜ୍ଜନକ ବା କଠିନ କାମରେ ନିଯୁକ୍ତ ହେବ ନାହିଁ ।

୧୧-ଶାରିରୀକ ଭାବେ ବିକଳାଙ୍ଗ, ଆବେଗଗତ ଭାବେ ବିକ୍ଷୁବ୍ଧ, ବା ମାନସିକ ଭାବେ ଅନଗ୍ରସର ପିଲାମାନଙ୍କ ଚିକିତ୍ସା, ଶିକ୍ଷା, ଯତ୍ନ ଓ ଥଇଥାନ ପାଇଁ ସୁଯୋଗ ସୃଷ୍ଟି କରାଯିବ ।

୧୨-କୌଣସି ଦୁରବସ୍ଥା ବା ପ୍ରାକୃତିକ ବିପର୍ଯ୍ୟୟର ଶୀକାର ହୋଇଥିବା ପିଲାମାନଙ୍କୁ ସୁରକ୍ଷା ଓ ରିଲିଫ୍ ଯୋଗାଇଦେବା ଅଗ୍ରାଧିକାର ଲାଭ କରିବ ।

୧୩-ବ୍ୟୁତ୍ପତ୍ତିବାନ୍ ବାଳୁତ, ବିଶେଷକରି ସମାଜର ଦୁର୍ବଳ ଶ୍ରେଣୀଗୁଡିକର ଏପରି ବାଳୁତମାନଙ୍କୁ ଚିହ୍ନଟ କରିବା ତଥା ସେମାନଙ୍କୁ ପ୍ରୋତ୍ସାହନ ଓ ସାହାଯ୍ୟ ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ପ୍ରସ୍ତୁତ ହେବ ।

୧୪-ସମସ୍ତ କାନୁନୀ ବିବାଦରେ ବାଳୁତର ସ୍ୱାର୍ଥ ପ୍ରତି ଅଗ୍ରାଧିକାର ଦେବା ପାଇଁ ପ୍ରଚଳିତ ଆଇନ୍‌ଗୁଡିକର ସଂଶୋଧନ କରାଯିବ ।

୧୫-ଶିଶୁମାନଙ୍କ ପାଇଁ ବିଭିନ୍ନ ସେବାଯୋଗାଣର ବ୍ୟବସ୍ଥା କଲାବେଳେ ପରିବାର ସହିତ ଶିଶୁର ସଂପର୍କକୁ ମଜଭୁତ୍ ଅବସ୍ଥାରେ ରଖିବାର ଆବଶ୍ୟକତା ଉପରେ ଧ୍ୟାନ ଦିଆଯିବ, କାରଣ ପିଲାମାନଙ୍କର ପ୍ରତିଭାର ସର୍ବୋତ୍ତମ ବିକାଶ ଘଟିଥାଏ ସାଧାରଣତଃ ତା'ର ପରିବାର, ସାଇପଡିଶା ଏବଂ ଜନଗୋଷ୍ଠୀ ଭିତରେ ।

**କାର୍ଯ୍ୟକ୍ରମ ନିର୍ଦ୍ଧାରଣ ବେଳେ ଅଗ୍ରାଧିକାର**

ବିଭିନ୍ନ ବିଭାଗ ସ୍ତରରେ କାର୍ଯ୍ୟକ୍ରମ ନିର୍ଦ୍ଧାରଣ ବେଳେ ନିମ୍ନୋକ୍ତ କାର୍ଯ୍ୟକ୍ରମ ଗୁଡିକୁ ଅଗ୍ରାଧିକାର ଦିଆଯିବ-

- ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରତିଷେଧକ ଓ ଅଭିବର୍ଦ୍ଧକ ଦିଗଗୁଡିକୁ ଗୁରୁତ୍ୱ ପ୍ରଦାନ
- ଗର୍ଭବତୀ ମହିଳା ଓ ଜନନୀମାନଙ୍କ ପୁଷ୍ଟିସାଧନ ସହିତ ପ୍ରାକ୍-ବିଦ୍ୟାଳୟ ବୟସର ଶିଶୁ ଓ ପିଲାମାନଙ୍କ ପୁଷ୍ଟି ଉପରେ ଗୁରୁତ୍ୱ
- ଅନାଥ ଓ ନିସହାୟ ଶିଶୁମାନଙ୍କର ରକ୍ଷଣାବେକ୍ଷଣ, ଶିକ୍ଷା ଏବଂ ତାଲିମ୍
- କର୍ମଜୀବି ବା ଅସୁସ୍ଥ ମହିଳାଙ୍କର ପିଲାମାନଙ୍କ ଯତ୍ନ ପାଇଁ କ୍ରେଚ୍ ଓ ସେହିଭଳିଆ ଅନ୍ୟାନ୍ୟ ସୁବିଧାସୁଯୋଗ
- ବିକଳାଙ୍ଗ ପିଲାମାନଙ୍କର ଯତ୍ନ, ଶିକ୍ଷା, ତାଲିମ୍ ଓ ଥଇଥାନ ବ୍ୟବସ୍ଥା

**ଅନ୍ୟାନ୍ୟ ବ୍ୟବସ୍ଥା**

- ଶିଶୁମାନଙ୍କ ପାଇଁ ଯୋଜନା ପ୍ରସ୍ତୁତି ଓ ଯଥୋଚିତ ସେବାଯୋଗାଣ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଜାତୀୟ ଓ ରାଜ୍ୟ ସ୍ତରରେ ବାଳୁତ ପରିଷଦ ଗୁଡିକର ପ୍ରତିଷ୍ଠା କରାଯିବ ।

- ବାଳୁତ କଲ୍ୟାଣ କାର୍ଯ୍ୟକ୍ରମ ଗୁଡିକରେ ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ସଂପୃକ୍ତି ଓ ସକ୍ରୀୟତା ବୃଦ୍ଧି କରାଯିବ ।

- ଜାତୀୟ ନୀତିର ଅଙ୍ଗୀକାରଗୁଡିକୁ କାର୍ଯ୍ୟରୂପ ଦେବା ପାଇଁ ରାଷ୍ଟ୍ର ଆଇନ୍‌ଗତ ଓ ପ୍ରଶାସନିକ ସହାୟତା ଯୋଗାଇଦେବ ।

- ବାଳୁତ ବିକାଶ କାର୍ଯ୍ୟକ୍ରମ ଗୁଡିକରେ ସର୍ବସାଧାରଣଙ୍କର ସଂପୃକ୍ତିକୁ ପ୍ରୋତ୍ସାହନ ଦିଆଯିବ ।

## ପଞ୍ଚବାର୍ଷିକ ଯୋଜନାଗୁଡିକରେ ବାଳୁତ ବିକାଶ

ଭାରତର ୧ମ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହୋଇଥିଲା ୧୯୫୧-୫୬ରେ । ବର୍ତ୍ତମାନ ଏକାଦଶ ପଞ୍ଚବାର୍ଷିକ ଯୋଜନା (୨୦୦୭-୧୨) ଚାଲୁ ରହିଛି । ଅତୀତର ପ୍ରତିଟି ପଞ୍ଚବାର୍ଷିକ ଯୋଜନାରେ ବାଳୁତ ବିକାଶ ଦିଗରେ କି କି ପଦକ୍ଷେପମାନ ନିଆଯାଇଛି, ତାହାର ଏକ ସଂକ୍ଷିପ୍ତ ସୂଚନା ନିମ୍ନରେ ଦିଆଗଲା ।

**ପ୍ରଥମ ପଞ୍ଚବାର୍ଷିକ ଯୋଜନା (୧୯୫୧-୫୬)-** ଲୋକେ ଯେପରି ଆର୍ଥିକ ଅଗ୍ରଗତି, ଜୀବନର ଉନ୍ନତତର ମାନଦଣ୍ଡ ତଥା ସାମାଜିକ ନ୍ୟାୟ ହାସଲ କରିପାରିବେ, ସେଥିପାଇଁ ଏହି ଯୋଜନାରେ ବିଭିନ୍ନ ସାମାଜିକ ସେବାକୁ ପ୍ରୋତ୍ସାହନ ଦେବାର ନୀତି ଗ୍ରହଣ କରାଯାଇଥିଲା । ଏହି ଯୋଜନା ଅଧୀନରେ ଏକ ସାମଗ୍ରୀକ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ଗୃହୀତ ହୋଇଥିଲା, ଯେଉଁଥିରେ ଅନ୍ତର୍ଭୁକ୍ତ ଥିଲା ମହିଳା ଓ ଶିଶୁ କଲ୍ୟାଣ, ପରିବାର କଲ୍ୟାଣ ଏବଂ ଶାରିରୀକ ଓ ମାନସିକ ଅକ୍ଷମ ବ୍ୟକ୍ତିମାନଙ୍କ କଲ୍ୟାଣ । ୧୯୫୩ରେ ଗଠିତ ହୋଇଥିଲା ଏକ ଜାତୀୟ ସ୍ତରର ସଂସ୍ଥା କେନ୍ଦ୍ରୀୟ ସମାଜ ମଙ୍ଗଳ ପରିଷଦ, ଯେ କି ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଜରିଆରେ ମହିଳା ଓ ଶିଶୁ ବିକାଶ ସହିତ ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସକାଶେ ଅନୁଦାନ ଯୋଗାଇ ଦେଲା । ୧୯୫୫ରେ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଶାରିରୀକ ଅକ୍ଷମ ପିଲାମାନଙ୍କ ଶିକ୍ଷା ପାଇଁ ଏକ ଜାତୀୟ ଉପଦେଷ୍ଟା ପରିଷଦ ଗଢାଗଲା । କିନ୍ତୁ ଏହି ଯୋଜନାର କାର୍ଯ୍ୟକ୍ରମଗୁଡିକର ସମୀକ୍ଷାରୁ ଜଣାପଡିଥିଲା ଯେ, ବାଳୁତ ବିକାଶ ଭଳି ଏକ ବହୁମୁଖୀ ଲକ୍ଷ୍ୟ ହାସଲ କରିବାକୁ ହେଲେ ଅନ୍ୟ କ୍ଷେତ୍ର ଓ ବିଭାଗ ସହ ସମନ୍ୱୟ ସ୍ଥାପନା ଜରୁରୀ ।

**ଦ୍ୱିତୀୟ (୧୯୫୬-୬୧) ଓ ତୃତୀୟ (୧୯୬୧-୬୬) ପଞ୍ଚବାର୍ଷିକ ଯୋଜନା** କାଳରେ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ଗୁଡିକ ସମାଜର ଭିନ୍ନ ଭିନ୍ନ କ୍ଷେତ୍ରକୁ ସଂପ୍ରସାରିତ ହୋଇଥିଲା । ଅକ୍ଷମ ପିଲାମାନଙ୍କ ଶିକ୍ଷା ଓ ଥଇଥାନ ପାଇଁ ଆବଶ୍ୟକ ମୌଳିକ ସେବାଗୁଡିକର ରୂପରେଖ ନିର୍ମାଣ ତଥା ଗ୍ରାମାଞ୍ଚଳର ମହିଳା ଓ ବାଳୁତ ମାନଙ୍କ ପାଇଁ କଲ୍ୟାଣ ସେବାସମୂହର ସଂପ୍ରସାରଣ ଉଦ୍ଦେଶ୍ୟରେ ଆବଶ୍ୟକୀୟ ବିଧିବିଧାନ ପ୍ରସ୍ତୁତି ତଥା ସାଂଗଠନିକ ଢାଞ୍ଚାର ନିର୍ମାଣ ପାଇଁ ରାଜ୍ୟମାନଙ୍କୁ ଜଡିତ କରାଗଲା । ୧୯୬୧ରେ କେନ୍ଦ୍ରୀୟ ସଂସ୍କାର ସେବା ବ୍ୟୁରୋ ଗଠିତ ହେଲା, ଯାହାର ଉଦ୍ଦେଶ୍ୟ ଥିଲା ଜାତୀୟ ସ୍ତରରେ ପରିସଂଖ୍ୟାନ ସଂଗ୍ରହ କରିବା ସହିତ ମାର୍ଗଦର୍ଶୀକା ଏବଂ ଆଦର୍ଶ ସ୍କିମ୍‌ମାନ ପ୍ରସ୍ତୁତ କରିବା । ମହିଳା ଓ ବାଳିକାମାନଙ୍କର ଅନୈତିକ ଚାଲାଣ ଦମନ ଆଇନ୍, ଅପରାଧୀ ପରିବେକ୍ଷଣ ଆଇନ୍ ତଥା ବିଭିନ୍ନ ବାଳୁତ ସଂକ୍ରାନ୍ତ ଆଇନ୍‌ଗୁଡିକୁ କାର୍ଯ୍ୟରୂପ ଦେବା ଉଦ୍ଦେଶ୍ୟରେ ସାମାଜିକ ପ୍ରତିରୋଧ କାର୍ଯ୍ୟକ୍ରମସମୂହ ପ୍ରସ୍ତୁତ

କରାଗଲା । ବିଭିନ୍ନ କାର୍ଯ୍ୟକ୍ରମରେ ଲୋକମାନଙ୍କ ସହାୟତା ହାସଲକୁ ସୁଗମ କରିବା ପାଇଁ ୧୯୬୬ରେ କେନ୍ଦ୍ରୀୟ ଜନ-ସହଯୋଗ ପାଇଁ ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପିତ ହେଲା ।

**ଚତୁର୍ଥ ପଞ୍ଚବାର୍ଷିକ ଯୋଜନା (୧୯୬୬-୭୧)**- ଅତୀତର ଯୋଜନାଗୁଡିକ ସମୟରେ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡିକର ସୁଦୃଢୀକରଣ ପାଇଁ ପ୍ରଚେଷ୍ଟା କରାଗଲା । କେନ୍ଦ୍ରୀୟ ସମାଜ ମଙ୍ଗଳ ପରିଷଦର କାର୍ଯ୍ୟପରିସର ବୃଦ୍ଧି କରାଗଲା । ଅସ୍ଥି-ପଙ୍ଗୁ ମାନଙ୍କ ପାଇଁ ଗୋଟିଏ ଜାତୀୟ ପ୍ରତିଷ୍ଠାନ ସହିତ ଚକ୍ଷୁହୀନ, ବଧିର ଓ ମାନସିକ ଅଗ୍ରସରମାନଙ୍କ ପାଇଁ ଅଲଗା ଅଲଗା ସଂସ୍ଥାମାନ ଗଠିତ ହେଲା । ଅକ୍ଷମ ବ୍ୟକ୍ତିମାନଙ୍କ ନିଯୁକ୍ତିକୁ ସୁଗମ କରିବା ପାଇଁ ସ୍ୱତନ୍ତ୍ର କର୍ମନିଯୁକ୍ତି ଏକ୍ସଚେଞ୍ଜ ସମୂହ ପ୍ରତିଷ୍ଠିତ ହେଲା ।

**ପଞ୍ଚମ ପଞ୍ଚବାର୍ଷିକ ଯୋଜନା (୧୯୭୪-୭୮)**ରେ ବିଶେଷ ଅବଦାନ ହେଲା ଜାତୀୟ ବାଳୁତ ନୀତି (୧୯୭୪)ର ଘୋଷଣା ଏବଂ ୨ ଅକ୍ଟୋବର ୧୯୭୫ରୁ ସମନ୍ୱୀତ ଶିଶୁ ବିକାଶ ସ୍କିମ୍ (ଆଇ.ସି.ଡି.ଏସ୍)ର ଅୟମାରମ୍ଭ । ଏହି ଯୋଜନା ସମୟରେ କଲ୍ୟାଣ ପରିବର୍ତ୍ତେ ବିକାଶ ଉପରେ ପ୍ରାଧାନ୍ୟ ଦିଆଯିବା ଆରମ୍ଭ ହେଲା । ପ୍ରଥମେ ପରୀକ୍ଷାମୂଳକ ଭାବେ ୩୩ଟି ବ୍ଲକ୍‌ରେ ନବ ପ୍ରବର୍ତ୍ତୀତ ଆଇ.ସି.ଡି.ଏସ୍. ମାଧ୍ୟମରେ ଅନୁନ୍ନତ ଅଞ୍ଚଳମାନଙ୍କରେ ଅଙ୍ଗନବାଡି କେନ୍ଦ୍ର ପ୍ରତିଷ୍ଠା କରାଯାଇ ତା ମାଧ୍ୟମରେ ୬ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ପାଇଁ ୬ଟି ମୌଳିକ ସେବାକୁ ଗ୍ରାମ ସ୍ତରରେ ପହୁଞ୍ଚାଇବାର ଚେଷ୍ଟା କରାଗଲା, ଯଥା ସ୍ୱାସ୍ଥ୍ୟ ପରୀକ୍ଷା, ଟୀକା ବ୍ୟବସ୍ଥା, ଅନୁପୂରକ ପୁଷ୍ଟି, ଅଣ-ଆନୁଷ୍ଠାନିକ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ତଥା ଗର୍ଭବତୀ ଓ ପ୍ରସୂତୀ ଜନନୀମାନଙ୍କୁ ସ୍ୱାସ୍ଥ୍ୟ ଓ ପୁଷ୍ଟି ସଂକ୍ରାନ୍ତୀୟ ପରାମର୍ଶ । ଏହି ଯୋଜନା ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଶାରିରୀକ ଅକ୍ଷମ ପିଲାମାନଙ୍କୁ ଶିକ୍ଷାବୃତ୍ତି ଯୋଗାଇବା ଆରମ୍ଭ କଲେ ତଥା ରାଜ୍ୟ ସରକାରମାନେ ସାମାଜିକ ଅନଗ୍ରସର ଓ ଶାରିରୀକ ଅକ୍ଷମ ମାନଙ୍କ ପାଇଁ ଉଭୟ ଆନୁଷ୍ଠାନିକ ଓ ଅଣ-ଅନୁଷ୍ଠାନିକ ସେବାମାନ ପତିଷ୍ଠା କଲେ । କେନ୍ଦ୍ରୀୟ ସଂସ୍କାର ସେବା ବ୍ୟୁରୋକୁ ଏକ ପ୍ରମୁଖ ଜାତୀୟ ସଂସ୍ଥାର ମାନ୍ୟତା ଦିଆଗଲା ଓ ଏହା ଜାତୀୟ ସାମାଜିକ ପ୍ରତିରକ୍ଷା ପ୍ରତିଷ୍ଠାନ (ଏନ୍.ଆଇ.ଏସ୍.ଡି.) ଭାବେ ପୁନର୍ନାମିତ ହେଲା ଏବଂ ଜାତୀୟ ସ୍ତରରେ ପ୍ରଶିକ୍ଷଣ, ଗବେଷଣା ଏବଂ ବିକଳ୍ପ ପଦ୍ଧତିର ବିକାଶ ଓ ତହିଁର କ୍ଷେତ୍ର ପରୀକ୍ଷଣ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହାତକୁ ନେଲା ।

**ଷଷ୍ଠ ପଞ୍ଚବାର୍ଷିକ ଯୋଜନା (୧୯୮୦-୮୫)**ରେ ପୂର୍ବ ଯୋଜନାଗୁଡିକର କାର୍ଯ୍ୟକ୍ରମସମୂହର ସୁଦୃଢୀକରଣ ତଥା ସଂପ୍ରସାରଣ ଘଟିଲା । ୧୯୮୩ରେ ଗୃହୀତ ହେଲା ଜାତୀୟ ସ୍ୱାସ୍ଥ୍ୟ ନୀତି, ଯେଉଁଥିରେ ଉଚ୍ଚ ଶିଶୁମୃତ୍ୟୁ ହାର କମାଇବା ତଥା ୨୦୦୨ ସୁଦ୍ଧା ଟୀକା ବ୍ୟବସ୍ଥାର ସାର୍ବଜନୀନୀକରଣ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହି ଯୋଜନା କାଳରେ ପ୍ରସ୍ତୁତ ଜାତୀୟ ଶିକ୍ଷା ନୀତି ୧୯୮୬ରେ ଗୃହୀତ ବାଳିକାଙ୍କ ସମେତ ସବୁପିଲାଙ୍କ ପାଇଁ ବିଦ୍ୟାଳୟରେ ପ୍ରବେଶ ଓ ପାଠପଢା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଅଣ-ଆନୁଷ୍ଠାନିକ ଶିକ୍ଷା ଓ ବୈଷୟିକ ଶିକ୍ଷାର ପ୍ରସାରକୁ ମଧ୍ୟ ପ୍ରୋତ୍ସାହନ ଦିଆଗଲା । ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ସରକାରୀ ଅନୁଦାନ ଯୋଗାଇ ଦିଆଯାଇ ସେମାନଙ୍କ ମାଧ୍ୟମରେ ଅନଗ୍ରସର ଅଞ୍ଚଳରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷାର ବ୍ୟବସ୍ଥା କରାଗଲା । ରାଜ୍ୟଗୁଡିକର ସମାଜ ମଙ୍ଗଳ କାର୍ଯ୍ୟକ୍ରମଗୁଡିକ ମଧ୍ୟ ଏହି ଯୋଜନା କାଳରେ ଅଗ୍ରଗତି ଲାଭ କଲା । କେବଳ ନାଗାଲାଣ୍ଡକୁ ବାଦ୍ ଦେଇ ଅନ୍ୟ ସମସ୍ତ ରାଜ୍ୟମାନଙ୍କରେ ବାଳୁତ ଆଇନ୍ ସମୂହ (ବର୍ତ୍ତମାନର କିଶୋର ନ୍ୟାୟ ଆଇନ୍‌ର ବିଷୟବସ୍ତୁ ଉପରେ ମୋଟାମୋଟି ଆଧାରିତ) ଚାଲୁ କରାଗଲା । ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ପାଇଁ କେନ୍ଦ୍ରୀୟ ସମାଜ ମଙ୍ଗଳ ପରିଷଦ ପୂର୍ବଭଳି ଏକ ଅଗ୍ରଣୀ ଜାତୀୟ ସଂସ୍ଥା ରୂପେ କାର୍ଯ୍ୟ କରିଚାଲିଲା । ମହିଳା ଓ ବାଳୁତମାନଙ୍କ ବିରୁଦ୍ଧରେ କ୍ରମବର୍ଦ୍ଧିଷ୍ଣୁ ଅପରାଧକୁ ମୁକାବିଲା ପାଇଁ ତଥା ଜନସାଧାରଣଙ୍କ ଭିତରେ ସେମାନଙ୍କର ଦାୟିତ୍ୱଶୀଳତା ବିଷୟରେ ସଚେତନତା

ସୃଷ୍ଟି କରିବା ପାଇଁ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ବ୍ୟୁରୋ ୧୯୮୨ରେ ପ୍ରତିଷ୍ଠା ଲାଭ କଲା । ମହିଳା ନିର୍ଯ୍ୟାତନା ଓ ବାଲ୍ୟ ବିବାହ ଭଳି ସାମାଜିକ କୁପରମ୍ପରା ବିରୁଦ୍ଧରେ ତଥା ସକାରାତ୍ମକ ସାମାଜିକ ମନୋଭାବର ସୃଷ୍ଟି ପାଇଁ ଜନମତ ଜାଗରଣ ଉଦ୍ଦେଶ୍ୟରେ ବିଭିନ୍ନ ସମାଜ କଲ୍ୟାଣ ସ୍କିମ୍ ଚାଲୁକରାଯାଇ ସେଗୁଡିକ ବିଷୟରେ ସୂଚନା ପ୍ରସାରଣ ପାଇଁ ଏକ ସୂଚନା ଓ ଗଣ ଶିକ୍ଷା ସେଲ୍ ପ୍ରତିଷ୍ଠା କରାଗଲା ।

**ସପ୍ତମ ପଞ୍ଚବାର୍ଷିକ ଯୋଜନା (୧୯୮୫-୯୦)**ରେ ଆଇ.ସି.ଡି.ଏସ୍., ସାର୍ବଜନୀନ ଟୀକା ବ୍ୟବସ୍ଥା, ମାତୃ-ଶିଶୁ ଯତ୍ନ, ପୁଷ୍ଟି ଯୋଗାଣ, ପ୍ରାକ୍-ବିଦ୍ୟାଳୟ ଶିକ୍ଷା, ନିରାପଦ ପାନୀୟ ଜଳ, ପରିବେଶର ପରିମଳ ଓ ପରିଚ୍ଛନ୍ନତା ତଥା ପରିବାର ନିୟନ୍ତ୍ରଣ ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ନବଜାତ ଶିଶୁର ଜୀବନ ସୁରକ୍ଷା ଓ ବିକାଶ ଉପରେ ଗୁରୁତ୍ୱ ଅବ୍ୟାହତ ରହିଲା । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ଜନନୀ ଓ ଶିଶୁ ସ୍ୱାସ୍ଥ୍ୟସେବା ମାଧ୍ୟମରେ ନବଜାତ ଶିଶୁଙ୍କୁ ୬ଟି ମୌଳିକ ବ୍ୟାଧିରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ଶକ୍ତିଶାଳୀ କରାଗଲା, ସେଗୁଡିକ ହେଲା, ଡିପ୍‌ଥେରିଆ, ଡିଆଁକାଶ, ଟିଟାନସ୍, ପୋଲିଓ, ମିଳିମିଳା ଏବଂ ଟି.ବି. । ପଥଭ୍ରଷ୍ଟ କିଶୋରମାନଙ୍କ କେଶ୍‌ଗୁଡିକୁ ଏକ ସମୁଚିତ ରୀତିରେ ବିଚାରଣା ପାଇଁ ୧୯୮୬ରେ କିଶୋର ନ୍ୟାୟ ଆଇନ୍ ପ୍ରଣୀତ ହେଲା । ବାଳୁତ ଶ୍ରମର ନିରାକରଣ ଓ ନିୟନ୍ତ୍ରଣ ପାଇଁ ବାଳୁତ ଶ୍ରମ ଆଇନ୍ ୧୯୮୬ ଗୃହୀତ ହେଲା ତଥା ଜାତୀୟ ବାଳୁତ ଶ୍ରମ ନୀତି ୧୯୮୭ ଘୋଷିତ ହେଲା । ବାଳୁତ ଶ୍ରମିକ ମାନଙ୍କୁ ଅଣ-ଆଣୁଷ୍ଠାନିକ ଶିକ୍ଷା, ଅନୁପୂରକ ପୁଷ୍ଟି, ସ୍ୱାସ୍ଥ୍ୟର ଯତ୍ନ ଏବଂ ଦକ୍ଷତା ବୃଦ୍ଧିର ବ୍ୟବସ୍ଥା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ପ୍ରକଳ୍ପମାନ ମଞ୍ଜୁର କରାଗଲା । ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପାଇଁ ରାଜ୍ୟ ସରକାରମମାନଙ୍କ ଜରିଆରେ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ଅନୁଦାନ ଯୋଗାଇ ଦିଆଗଲା ।

**ବାର୍ଷିକ ଯୋଜନାସମୂହ (୧୯୯୦-୯୨)-** ଅକ୍ଷମମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ସେବାସମୂହର ବେଶ୍ କିଛି ସଂପ୍ରସାରଣ କରାଗଲା । ପ୍ରାଥମିକ ଶିକ୍ଷା ସ୍ତରରେ ଅକ୍ଷମମାନଙ୍କ ଶିକ୍ଷାର ଅଗ୍ରଗତି ପାଇଁ ଷ୍ଟାଇପେଣ୍ଡ୍ ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନର ବ୍ୟବସ୍ଥା କରାଗଲା । ଦଶମ ଶ୍ରେଣୀ ପରେ ସାଧାରଣ, ପେଷାଗତ ବା ବୈଷୟିକ ଶିକ୍ଷା ଚାଲୁ ରଖିବା ପାଇଁ ଶାରିରୀକ ଅକ୍ଷମ ଛାତ୍ରମାନଙ୍କ ପାଇଁ ବୃତ୍ତି ଯୋଗାଣ ସକାଶେ ପୂର୍ବ ପ୍ରଚଳିତ ଏକ ସ୍କିମ୍ ଚାଲୁ ରହିଲା । ଏହି ସମୟରେ ବୈଷୟିକ ସହାୟତା ଦେବା ଉଦ୍ଦେଶ୍ୟରେ ଅକ୍ଷମମାନଙ୍କ ପାଇଁ ୧୧ଟି ଜିଲ୍ଲା ଥଇଥାନ ଓ ତାଲିମ୍ କେନ୍ଦ୍ର ପ୍ରତିଷ୍ଠା କରାଗଲା । ଅକ୍ଷମମାନଙ୍କ ପାଇଁ ଚାରୋଟି ପୂର୍ବ ପ୍ରତିଷ୍ଠିତ ଜାତୀୟ ପ୍ରତିଷ୍ଠାନ ସକ୍ରୀୟ ଥିବାବେଳେ ଆଉ ଦୁଇଟି ସଂସ୍ଥା ପ୍ରତିଷ୍ଠା ଲାଭ କଲା, ଯଥା ଶାରିରୀକ ଅକ୍ଷମମାନଙ୍କ ପାଇଁ ପ୍ରତିଷ୍ଠାନ (ଦିଲ୍ଲୀ) ଓ ଜାତୀୟ ଥଇଥାନ ତାଲିମ୍ ଓ ଗବେଷଣା ପ୍ରତିଷ୍ଠାନ (କଟକ) । ଏମାନଙ୍କ ଜରିଆରେ ଅକ୍ଷମମାନଙ୍କ ପାଇଁ ବିବିଧ ନୂଆ ସେବାମାନ ସୃଷ୍ଟି ହେବା ସହିତ କର୍ମୀ ତାଲିମ୍ ବ୍ୟବସ୍ଥା ଜୋର୍‌ଦାର୍ ହୋଇପାରିଲା । ଅକ୍ଷମମାନଙ୍କ ମଙ୍ଗଳ ଓ ଥଇଥାନ ପାଇଁ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ପାଇଁ ଏକ ମିଶନ୍ ପ୍ରକଳ୍ପ ୧୯୮୮ରେ ଚାଲୁ ହେଲା । ଶାରିରୀକ ଅକ୍ଷମମାନଙ୍କର ଶିକ୍ଷା, ତାଲିମ୍ ଏବଂ ଥଇଥାନ ଉଦ୍ଦେଶ୍ୟରେ ବିଭିନ୍ନ ସେବାଯୋଗାଣ ସକାଶେ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ସହାୟତା ପ୍ରଦାନ କରାଗଲା ।

**ଅଷ୍ଟମ ପଞ୍ଚବାର୍ଷିକ ଯୋଜନା (୧୯୯୨-୯୭)**ର ମୂଳ ପ୍ରାଧାନ୍ୟ ଥିଲା ମାନବ ସମ୍ବଳ ବିକାଶ । ସୁତରାଂ 'ଶିଶୁମାନଙ୍କର ମୃତ୍ୟୁହ୍ରାସ, ସୁରକ୍ଷା ଓ ବିକାଶ' ସଂକ୍ରାନ୍ତୀୟ ନୀତି ଓ କାର୍ଯ୍ୟକ୍ରମଗୁଡିକୁ ପ୍ରାଧାନ୍ୟ ଦିଆଗଲା, ତଥା ଶିଶୁ ମୃତ୍ୟୁ ଓ ରୁଗ୍‌ଣତାର ଉଚ୍ଚ ହାର ହ୍ରାସ ପାଇଁ ପରିବାର ଓ ଜନଗୋଷ୍ଠୀ ଭିତ୍ତିକ ପ୍ରତିଷେଧକ ସେବାସମୂହ ଉପରେ ମଧ୍ୟ ଅଗ୍ରାଧିକାର ଦିଆଗଲା । ବିଶ୍ୱ ବାଳୁତ ଅଧିକାର ଘୋଷଣାନାମାକୁ ଭାରତ ସରକାର ସ୍ୱାକ୍ଷର କଲାପରେ ୧୯୯୨ରେ ଦୁଇଟି ଜାତୀୟ କର୍ମଯୋଜନା ଚାଲୁକଲେ, ଗୋଟିଏ ହେଉଛି ସମସ୍ତ ଶିଶୁଙ୍କ ପାଇଁ, ଏବଂ ଅନ୍ୟଟି ହେଉଛି କେବଳ କନ୍ୟାଶିଶୁଙ୍କ ପାଇଁ । ଉଭୟ କର୍ମଯୋଜନା ଆନ୍ତଃ-କ୍ଷେତ୍ରୀୟ ସଂପୃକ୍ତିକୁ ପ୍ରାଧାନ୍ୟ ଦେବା ସହିତ 'ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ' ଓ 'ସମସ୍ତଙ୍କ ପାଇଁ ଶିକ୍ଷା' ଇତ୍ୟାଦି ଲକ୍ଷ୍ୟଗୁଡିକ ସହ ସଂଗତି ରକ୍ଷା କରି ପ୍ରସ୍ତୁତ ହୋଇଥିଲା । ଅକ୍ଷମମାନଙ୍କୁ ଶିକ୍ଷା,

ବୈଷୟିକ ତାଲିମ୍ ଓ ଆର୍ଥିକ ଥଇଥାନ ଇତ୍ୟାଦି ମାଧ୍ୟମରେ ସେମାନଙ୍କୁ ସମାଜର ସକ୍ରୀୟ, ଆତ୍ମ-ନିର୍ଭର ଏବଂ ରୋଜଗାରକ୍ଷମ ନାଗରିକ ଭାବେ ଗଢିତୋଳିବାର ଲକ୍ଷ୍ୟ ପୋଷଣ କରାଗଲା । ଅକ୍ଷମ ମାନେ ସମ୍ମୁଖୀନ ହେଉଥିବା ଯେ କୌଣସି ସମସ୍ୟା କ୍ଷେତ୍ରରେ ପ୍ରତିଷେଧକରୁ ଆରମ୍ଭ କରି ଥଇଥାନ ପର୍ଯ୍ୟନ୍ତ ସମସ୍ତ ପ୍ରକାର ସେବାକୁ ସମନ୍ୱିତ ଶୈଳୀରେ ପରିଚାଳନା କରିବା ଦିଗରେ ଚେଷ୍ଟା କରାଗଲା । ବିଭିନ୍ନ ଅକ୍ଷମତା ଆକ୍ରାନ୍ତ ବ୍ୟକ୍ତି (ସମାନ ସୁଯୋଗ, ଅଧିକାରର ସୁରକ୍ଷା ଏବଂ ସଂପୂର୍ଣ୍ଣ ଭାଗଦାରିତା) ଆଇନ୍ ୧୯୯୫ର ପ୍ରଣୟନ ଏକ ମାଇଲ୍ ଖୁଣ୍ଟ ଥିଲା । ଭାରତର ପୁନଃସଂସ୍ଥାନ ପରିଷଦ ଆଇନ୍ ୧୯୯୨ ପ୍ରଣୀତ ହେବା ପରେ ଏକ ପରିଷଦ ବିଧିବଦ୍ଧ ଭାବେ ପ୍ରତିଷ୍ଠା ଲାଭ କଲା, ଯାହାର ଲକ୍ଷ୍ୟ ହେଉଛି ଅକ୍ଷମ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟରତ ପେଷାଦାର୍ ମାନଙ୍କ ପାଇଁ ସମରୂପ ପାଠ୍ୟକ୍ରମ ଓ ପ୍ରଶିକ୍ଷଣ ବ୍ୟବସ୍ଥାକୁ ପ୍ରବର୍ତ୍ତନ କରିବା । ୧୯୯୨-୯୩ରେ ସ୍ପେସିଆଲ୍ ସ୍କୁଲ୍ ପ୍ରତିଷ୍ଠା ପାଇଁ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ସହାୟତା ସ୍କିମ୍ ଚାଲୁ କରାଗଲା ।

ସାମାଜିକ ପ୍ରତିରକ୍ଷା କ୍ଷେତ୍ରରେ ଭିକାରୀମାନଙ୍କ ଯତ୍ନ ଓ ଥଇଥାନ ପାଇଁ ଅଧିକ ପ୍ରାଧାନ୍ୟ ଦିଆଗଲା । ବେଶ୍ୟାବୃତ୍ତି ଓ ଏହାର ବହୁବିଧ କୁପରିଣତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଚଳିତ ଆଇନ୍‌କୁ ଶକ୍ତିଶାଳୀ କରିବା ସହ ଜନ ସହଯୋଗ, ପୋଲିସ୍ ଓ ଜନଗୋଷ୍ଠୀର ସଂପୃକ୍ତି ଉପରେ ଜୋର୍ ଦିଆଗଲା । ସେହିପରି ନିଶାଔଷଧର ଅପବ୍ୟବହାର ଓ ମଦନିଶାକୁ ନିୟନ୍ତ୍ରଣ ପାଇଁ ଆଇନ୍‌ର କଡାକଡି ପ୍ରୟୋଗ ସହିତ ଉଭୟ ଇଲେକ୍ଟ୍ରନିକ ଓ ମୁଦ୍ରଣ ମାଧ୍ୟମର ଉପଯୋଗକୁ ପ୍ରୋତ୍ସାହନ ଦିଆଗଲା । ୧୯୯୩ରେ ପଥଚାରୀ ଶିଶୁମାନଙ୍କର କଲ୍ୟାଣ ଓ ଥଇଥାନ ସେବା ପାଇଁ ଏକ ନୂତନ କାର୍ଯ୍ୟକ୍ରମର ସୂତ୍ରପାତ ହେଲା । ଆନ୍ତଃ-ଦେଶୀୟ ପୋଷ୍ୟସନ୍ତାନ ଗ୍ରହଣ ଉପରେ ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ନିର୍ଦ୍ଦେଶିତ ସଂଶୋଧିତ ମାର୍ଗଦର୍ଶୀକାକୁ ସ୍ୱତନ୍ତ୍ର ଭାବେ ପ୍ରତିଷ୍ଠିତ 'କାରା' ସଂସ୍ଥା ଦ୍ୱାରା କାର୍ଯ୍ୟରୂପ ଦିଆଗଲା । ଅକ୍ଷମମାନଙ୍କ ପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ଆର୍ଥିକ ଅନୁଦାନ ଓ ବୈଷୟିକ ସହାୟତା ମାଧ୍ୟମରେ ପ୍ରୋତ୍ସାହନ କରାଗଲା । ଅକ୍ଷମମାନଙ୍କୁ ଆତ୍ମନିଯୁକ୍ତି ସୁଯୋଗ ଦେବା ଲକ୍ଷ୍ୟରେ ବିଭିନ୍ନ ଆର୍ଥିକ ସହାୟତାର କାର୍ଯ୍ୟକ୍ରମ ମଧ୍ୟ ଚାଲୁ କରାଗଲା ।

**ନବମ ପଞ୍ଚବାର୍ଷିକ ଯୋଜନା (୧୯୯୭-୨୦୦୨)-** ଏହି ଯୋଜନା ଏକ ନୂଆ ମନ୍ତ୍ର ଦ୍ୱାରା ପରିଚାଳିତ ହେଲା, ତାହା ହେଉଛି, ଆନ୍ତଃ-ମନ୍ତ୍ରଣାଳୟ ସହଯୋଗିତା ମାଧ୍ୟମରେ ସଅଳ ଶୈଶବର ବିକାଶ ଘଟାଇବାର ଅର୍ଥ ହେଉଛି ଦେଶର ମାନବ ସମ୍ବଳର ବିକାଶ । ଏହି କାର୍ଯ୍ୟକୌଶଳ ଅନୁଯାୟୀ ଶିଶୁକୁ ଦେଶର ବିକାଶ ନକ୍ସାର କେନ୍ଦ୍ରରେ ରଖାଗଲା ଓ ପୁଣି ଶିଶୁକନ୍ୟା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଆରୋପ କରାଗଲା । ଜାତୀୟ ବାଳୁତ ସନନ୍ଦ ଘୋଷଣା କରଯାଇ କୁହାଗଲା ଯେ, କୌଣସି ଶିଶୁ ନିରକ୍ଷର ବା ଭୋକିଲା ରହିବ ନାହିଁ ବା ସ୍ୱାସ୍ଥ୍ୟ ଚିକିତ୍ସାରୁ ବଞ୍ଚିତ ହେବନାହିଁ । ଗୋଟିଏ ଶିଶୁର ପ୍ରଥମ ଛ ବର୍ଷ ଗୁରୁତ୍ୱପୂର୍ଣ୍ଣ, ପୁଣି ସେଥିମଧ୍ୟରୁ ପ୍ରଥମ ଦୁଇବର୍ଷ ଆହୁରି ଗୁରୁତ୍ୱପୂର୍ଣ୍ଣ । ସୁତରାଂ ଶୈଶବର ଏହି ଦୁଇଟି ପର୍ଯ୍ୟାୟରେ ସ୍ୱାସ୍ଥ୍ୟ, ପୁଷ୍ଟି ଓ ଶିକ୍ଷା ଉପରେ ପ୍ରାଧାନ୍ୟ ଦିଆଯିବ । ସେଥିପାଇଁ ନବମ ଯୋଜନା ଭିତରେ ଆଇ.ସି.ଡି.ଏସ୍.ର ପହୁଞ୍ଚକୁ ସାର୍ବଜନୀନ କରିବାକୁ ପଡିବ ଏବଂ ତା ଭିତରେ ଶିଶୁକନ୍ୟା ଓ ଜନନୀ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ । କନ୍ୟାଭ୍ରୁଣ ହତ୍ୟା ଓ ଶିଶୁକନ୍ୟା ହତ୍ୟାକୁ ବନ୍ଦ କରି ଲିଙ୍ଗ ଅନୁପାତରେ କ୍ରମାଧୋଗତିର ପ୍ରବଣତାକୁ ରୋକିବାକୁ ହେବ । ୨୦୦୨ ସୁଦ୍ଧା ସ୍ୱାସ୍ଥ୍ୟସେବାର ପ୍ରସାରଣ ଜରିଆରେ ସଦ୍ୟଜାତ ଶିଶୁର ମୃତ୍ୟୁ ହାରକୁ ୬୦ରୁ ତଳକୁ ଏବଂ ଶିଶୁ ମୃତ୍ୟୁହାରକୁ ୧୦ରୁ ତଳକୁ ଖସାଇବାକୁ ପଡିବ । ଏହି ସ୍ୱାସ୍ଥ୍ୟସେବା ଭିତରେ ରହିବ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ (ଆର୍.ସି.ଏଚ୍.)ର ଉନ୍ନତି, ଶତକଡା ୧୦୦ ଟୀକା ବ୍ୟବସ୍ଥା, ତଥା ସମସ୍ତ ପ୍ରାକ୍-ସ୍କୁଲ୍ ଓ ସ୍କୁଲ୍ ପିଲାମାନଙ୍କ ପାଇଁ ତଥା ଗର୍ଭବତୀ ମହିଳା ଓ ଜନନୀ ମାନଙ୍କ ପାଇଁ ଅନୁପୂରକ ପୁଷ୍ଟିଯୋଗାଣକୁ ସାର୍ବଜନୀନ କରିବା । ଏହି କାର୍ଯ୍ୟକ୍ରମ ପରିଚାଳନା କଲାବେଳେ ଶିଶୁ କନ୍ୟା ଓ କିଶୋରୀ କନ୍ୟାର ଆବଶ୍ୟକତାକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ । ପୁରୁଷ ପୁରୁଷ ଧରି ଚଳିଆସିଥିବା ଲିଙ୍ଗଭେଦ ଓ ସାମାଜିକ-ଆର୍ଥିକ ପ୍ରତିବନ୍ଧକର ବିଷଚକ୍ରକୁ ଭାଙ୍ଗି ଦେବାକୁ ପଡିବ ।

କ୍ରେଚ୍ ଓ ଦିବାଯତ୍ନର ସେବାସମୂହର ସଂପ୍ରସାରଣ ଘଟାଇବାକୁ ପଡିବ । କିଶୋରୀ କନ୍ୟା ଯେପରି ନିଜର ପରିବାର ଭିତରେ ଦାୟିତ୍ୱଶୀଳ ହେବା ସହିତ ସମାଜଗଠନରେ ନିଜର ସମୁଚିତ ଭୂମିକା ଅବଲମ୍ବନ କରିପାରିବ, ସେଥିପାଇଁ ତାକୁ ସମର୍ଥ କରାଯିବ । ଏହିସବୁ କାର୍ଯ୍ୟକ୍ରମଗୁଡିକୁ ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗ ଭିତରେ ସହଯୋଗିତା ଓ ସମନ୍ୱୟ ପ୍ରତିଷ୍ଠା କରିବାକୁ ପଡିବ ।

ଯଦିଓ ୧୯୯୫-୯୬ ସୁଦ୍ଧା ଆଇ.ସି.ଡି.ଏସ୍.କୁ ଦେଶର ସମସ୍ତ ୫୬୫୨ ବ୍ଲକ୍‌କୁ ସଂପ୍ରସାରଣ କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା, କିନ୍ତୁ ଦେଖାଗଲା ଯେ ନବମ ଯୋଜନାର ଆରମ୍ଭରେ ଏହା ମାତ୍ର ୪୨୦୦ବ୍ଲକ୍‌ରେ କାର୍ଯ୍ୟକାରୀ ହୋଇଛି । ଏହାର କାରଣ ୧୬.୫.୧୯୯୭ରେ ଅର୍ଥ ମନ୍ତ୍ରଣାଳୟ ଜାରି କରିଥିବା ନିଷେଧାଜ୍ଞା । କିନ୍ତୁ ଏହି ନିଷେଧାଜ୍ଞା ପରବର୍ତ୍ତୀ ସମୟରେ ହଟିଯାଇଥିଲା ଏବଂ ସରକାର ନବମ ଯୋଜନା ଶେଷ ସୁଦ୍ଧା ଉକ୍ତ ଯୋଜନାର ସାର୍ବଜନୀନୀକରଣର ଲକ୍ଷ୍ୟ ଧାର୍ଯ୍ୟ କଲେ । ଅକ୍ଟୋବର ୨୦୦୦ରେ ଆଇ.ସି.ଡି.ଏସ୍.ତା'ର ୨୫ବର୍ଷ ପୂର୍ତ୍ତୀ କଲା । ଏହି କାର୍ଯ୍ୟକ୍ରମର ପ୍ରଭାବ ବିଷୟରେ ଏହାର ଅର୍ଥଦାତା ବିଶ୍ୱବ୍ୟାଙ୍କ୍‌ଙ୍କ ଦ୍ୱାରା ଏବଂ ପୁଣି ଭାରତ ସରକାରଙ୍କ ତରଫରୁ ନିପ୍‌ସିଡ୍ ସଂସ୍ଥା ଦ୍ୱାରା ଅଲଗା ଅଲଗା ମୂଲ୍ୟାୟନ କରାଯାଇଥିଲା ।

ବି.ପି.ଏଲ୍. ପରିବାରର ଝିଅମାନେ ସ୍କୁଲ୍‌କୁ ଯିବା ପାଇଁ ବାଳିକା ସମୃଦ୍ଧି ଯୋଜନା ଚାଲୁ କରାଗଲା । ଏହା ଅଧୀନରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏଁ ଝିଅମାନେ ସ୍କୁଲ୍‌ରେ ପଢିବା ପାଇଁ ପ୍ରୋତ୍ସାହନ ଦେବା ସକାଶେ ଝିଅର ମା'କୁ ୫୦୦ଟଙ୍କା ଓ ସଂପୃକ୍ତ ଝିଅ ପାଇଁ ୩୦୦ଟଙ୍କାରୁ ୧୦୦୦ଟଙ୍କାର ବାର୍ଷିକ ବୃତ୍ତିର ବ୍ୟବସ୍ଥା କରାଗଲା । ଏହି ବାବଦରେ ୧୯୯୭-୯୮ରେ ୧୨ ଲକ୍ଷ ଝିଅଙ୍କ ପାଇଁ ୬୦କୋଟି ଟଙ୍କାର ସାମୟିକ ଅର୍ଥମଞ୍ଜୁର କରାଗଲା ।
କିଶୋରୀ ଶକ୍ତି ଯୋଜନା ଆଇ.ସି.ଡି.ଏସ୍.ର ଅଂଶବିଶେଷ ଭାବେ ଚାଲୁ ହେଲା ୧୧-୧୮ବର୍ଷର କିଶୋରୀ ଝିଅମାନଙ୍କର ପୁଷ୍ଟି ଓ ସ୍ୱାସ୍ଥ୍ୟରେ ଉନ୍ନତି ଘଟାଇବା ତଥା ସେମାନଙ୍କ ଭିତରେ କର୍ମକୁଶଳତା ବୃଦ୍ଧି କରିବା ପାଇଁ । ଏହି ସମୟରେ ଅଙ୍ଗନବାଡି କର୍ମୀ ଓ ଅଙ୍ଗନବାଡି ସହାୟିକାଙ୍କର ମାସିକ ଭତ୍ତା ଯଥାକ୍ରମେ ୫୦୦ରୁ ୧୦୦୦ଟଙ୍କା ଏବଂ ୨୬୦ରୁ ୫୦୦ଟଙ୍କାକୁ ବୃଦ୍ଧି କରାଗଲା । ବିଶ୍ୱବ୍ୟାଙ୍କ୍‌ର ୬୦୦.୫୫ କୋଟି ଟଙ୍କାର ସହାୟତା ଫଳରେ 'ଉଡିଶା' ନାମକ ଏକ ସ୍କିମ୍ ଚାଲୁ ହେଲା, ଯାହାର ଉଦ୍ଦେଶ୍ୟ ହେଉଛି ପ୍ରଚଳିତ ଆଇ.ସି.ଡି.ଏସ୍. ତାଲିମ୍ କାର୍ଯ୍ୟକ୍ରମକୁ ଏପରି ଶକ୍ତିଶାଳୀ କରିବା, ଯାହା ଫଳରେ ତାହା ଏକ ସାମଗ୍ରୀକ ତାଲିମ୍ ଏବଂ ମାନବ ସମ୍ବଳ ବିକାଶ କାର୍ଯ୍ୟକ୍ରମର ରୂପ ନେଇପାରିବ । ନିପ୍‌ସିଡ୍, ନୂଆଦିଲ୍ଲୀ ନିଜର ରାଷ୍ଟ୍ରବ୍ୟାପୀ ସଂରଚନା (ଯଥା ୩ଟି ଆଞ୍ଚଳିକ କେନ୍ଦ୍ର, ୧୮ଟି ମଧ୍ୟମ ଧରଣର ତାଲିମ୍ କେନ୍ଦ୍ର, ଓ ୩୦୦ଟି ଅଙ୍ଗନବାଡି କର୍ମୀ ତାଲିମ୍ କେନ୍ଦ୍ର) ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ରୂପାୟନ କରିବ ।

ଏହି ସମୟରେ କର୍ମଜୀବି/ ଅସୁସ୍ଥ ଜନନୀଙ୍କ ପିଲାମାନଙ୍କ ପାଇଁ ୧୨୪୭୦ କ୍ରେଚ୍ / ଦିବାଯତ୍ନ ସେବା କାର୍ଯ୍ୟ କରୁଥିଲା, ଯାହା ଫଳରେ ମୋଟ୍ ୩.୧୨ଲକ୍ଷ ପିଲା ଉପକୃତ ହେଉଥିଲେ । ୧୯୯୪ରେ ୧୯.୯୦ କୋଟି ଟଙ୍କାର ମୂଳ ଜମାକୁ ନେଇ ଜାତୀୟ କ୍ରେଚ୍ ପାଣ୍ଠି ପ୍ରତିଷ୍ଠିତ ହେଲା ।

ବାଳୁତ ଅଧିକାର ସୁରକ୍ଷା ପାଇଁ ଏକ ଜାତୀୟ କମିଶନ୍ ଗଠନ କରିବା ସକାଶେ ଏକ ବିଧେୟକ ଏହି ସମୟରେ ପ୍ରସ୍ତୁତ ହେଲା । ଜାତୀୟ ବାଳୁତ ସନନ୍ଦ ମଧ୍ୟ ଏହି ସମୟରେ ପ୍ରସ୍ତୁତ ହୋଇଥିଲା, ଯେଉଁଥିରେ ବାଳୁତ ମାନଙ୍କ ପାଇଁ ରାଷ୍ଟ୍ରର ଅଙ୍ଗୀକାର ଓ ସମ୍ବଳ ବିଷୟରେ ସୂଚୀତ ହୋଇଛି ।

ଏହି ଯୋଜନା ସମୟରେ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଅଙ୍ଗନବାଡି କର୍ମୀ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଗ୍ରାମ ସ୍ୱାସ୍ଥ୍ୟ କର୍ମୀ ଓ ଅତିରିକ୍ତ ସେବିକା ଓ ଧାଇ ଭିତରେ ଏକ ସମନ୍ୱୟ ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା ।

ଆଇ.ସି.ଡି.ଏସ୍. ମାଧ୍ୟମରେ ୬ବର୍ଷରୁ କମ୍ ପିଲା ଓ ଗର୍ଭବତୀ ମହିଳା ଓ ଜନନୀମାନଙ୍କୁ ଅନୁପୂରକ ପୁଷ୍ଟି ଯୋଗାଇବା ବାବଦକୁ କେୟାର୍-ଇଣ୍ଡିଆ ଖାଦ୍ୟ ସହାୟତା ଯୋଗାଇଥିଲା । ଆନ୍ଧ୍ରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ଓଡିଶା, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗଳାରେ ମୋଟ ୬୬.୦୫ ଲକ୍ଷ ହିତାଧିକାରୀଙ୍କ ପାଇଁ ଏହି ଖାଦ୍ୟ ସହାୟତା ଉଦ୍ଦିଷ୍ଟ ଥିଲା । ସେହିପରି ମିଳିତ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ମଧ୍ୟ ସହାୟତା ପ୍ରଦାନ କରିଥିଲା । ଏହାଛଡା କାନାଡିଆନ୍ ଆନ୍ତର୍ଜାତିକ ବିକାଶ ସଂସ୍ଥା (ସିଡା) ଠାରୁ ରାଜସ୍ଥାନର ୨.୩୦ଲକ୍ଷ ହିତାଧିକାରୀଙ୍କ ପାଇଁ ୩୫୦୦ ମେଟ୍ରିକ୍ ଟନ୍ ଖାଦ୍ୟ ମିଳିପାରିଥିଲା । ଏହି ଯୋଜନା କାଳରେ ମୌଳିକ ଶିକ୍ଷାର ସାର୍ବଜନୀନୀକରଣର ଉଦ୍ଦେଶ୍ୟ ରଖି ମିଶନ୍ କାଇଦାରେ ସର୍ବଶିକ୍ଷା ଅଭିଯାନର ଅୟମାରମ୍ଭ ହୋଇଥିଲା ।

ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନରେ ଚାଇଲଡ୍-ଲାଇନ୍ ଫାଉଣ୍ଡେସନ୍ ପ୍ରତିଷ୍ଠିତ ହେଲା, ଯାହାର ଉଦ୍ଦେଶ୍ୟ ହେଉଛି ସହରାଞ୍ଚଳରେ ଦୁର୍ବ୍ୟବହାର, ଶୋଷଣ ଏବଂ ଅବହେଳାର ଶିକାର ହେଉଥିବା ଶିଶୁମାନଙ୍କୁ ସୁରକ୍ଷାସେବା ଯୋଗାଇଦେବା । ଆଭ୍ୟନ୍ତରୀଣ ପୋଷ୍ୟସନ୍ତାନକୁ ପ୍ରୋତ୍ସାହନ ଦେବା ପାଇଁ ୦-୬ ବର୍ଷର ଶିଶୁ ଏବଂ ସ୍ୱଳ୍ପ-ବୟସ୍କ ପିଲାମାନଙ୍କ ପାଇଁ ଗୃହ ଯୋଗାଇଦେବାର ଉଦ୍ଦେଶ୍ୟ ରଖି ଏକ ସହାୟତା ସ୍କିମ୍ ପ୍ରବର୍ତ୍ତୀତ ହେଲା । ଏଥିପାଇଁ ଶିଶୁଗୃହ ପରିଚାଳନା କରିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ଅନୁଦାନ ଯୋଗାଇ ଦିଆଗଲା ।

କିଶୋର ନ୍ୟାୟ ଆଇନ୍ ୧୯୮୬ର ଉପଯୁକ୍ତ କାର୍ଯ୍ୟକାରିତା ପାଇଁ କିଶୋର ନ୍ୟାୟ କାର୍ଯ୍ୟକ୍ରମ ଚାଲୁ ହେଲା । ଏହା ଅଧୀନରେ ବାଳୁତ ଗୃହ, ପରିବେକ୍ଷଣ ଗୃହ, କିଶୋର ଗୃହ, ସ୍ୱତନ୍ତ୍ର ଗୃହ ଏବଂ ଉତ୍ତର-ଯତ୍ନ ସଂସ୍ଥାସମୂହ ପ୍ରତିଷ୍ଠିତ ହୋଇଛି । ଏହାଛଡା ଦେଶର ବିଭିନ୍ନ ପ୍ରାନ୍ତରେ କିଶୋର ଅଦାଲତ ଏବଂ କିଶୋର କଲ୍ୟାଣ ପରିଷଦ ମଧ୍ୟ ଏହି ଆଇନ୍‌କୁ କାର୍ଯ୍ୟକାରୀ କରିବାରେ ନିୟୋଜିତ ଅଛନ୍ତି ।

ଜାତୀୟ ଏଡ୍‌ସ୍ ନୀତି ୨୦୦୦ ମସିହାରେ ପ୍ରଣୀତ ହେଲା, ଯେଉଁଥିରେ କିଶୋରମାନଙ୍କୁ ଏକ ବିଶାଳ ସଂଖ୍ୟକ ଯୌନକ୍ଷମତା ସମ୍ପନ୍ନ ଗୋଷ୍ଠୀ ବୋଲି ଦର୍ଶାଯାଇଥିଲା । ଜାତୀୟ ମହିଳା ସଶକ୍ତୀକରଣ ନୀତି ୨୦୦୧ରେ ପ୍ରଣୀତ ହେଲା, ଯେଉଁଥିରେ ଶିଶୁକନ୍ୟା ତଥା କିଶୋରୀ ବାଳିକାମାନଙ୍କୁ ସ୍ୱତନ୍ତ୍ର ମାନ୍ୟତାର ସହ ସେମାନଙ୍କର ପୁଷ୍ଟି, ଶିକ୍ଷା, ସ୍ୱାସ୍ଥ୍ୟ, ତଥା ସେମାନଙ୍କ ଉପରେ ଘଟୁଥିବା ହିଂସା ଓ ଯୌନଗତ ଦୁର୍ବ୍ୟବହାରର ନିୟନ୍ତ୍ରଣ ବିଷୟରେ ଅବତାରଣା କରାଯାଇଛି ।
ଜାତୀୟ ଜନସଂଖ୍ୟା ନୀତି ୨୦୦୦ରେ ପ୍ରଣୀତ ହେଲା, ଯେଉଁଥିରେ କିଶୋର-କିଶୋରୀମାନଙ୍କ ପାଇଁ ୧୨ଟି ମୌଳିକ ବ୍ୟବସ୍ଥା ବିଷୟରେ ସୂଚୀତ ହୋଇଛି, ଯଥା ସୂଚନା, ପୁଷ୍ଟି, ଗର୍ଭନିରୋଧକ ଓ ଯୌନଗତ ସଂକ୍ରମଣ ଜନିତ ରୋଗ, ବିବାହର ବୟସ ଓ ସ୍ୱାସ୍ଥ୍ୟ ସମସ୍ୟା ଇତ୍ୟାଦି । ଜାତୀୟ ସ୍ୱାସ୍ଥ୍ୟ ଚିଠା-ନୀତି ୧୯୯୯ ମଧ୍ୟ ଏହି ସମୟରେ ପ୍ରଣୀତ ହୋଇଥିଲା, ଯେଉଁଥିରେ କିଶୋରୀ କନ୍ୟାମାନଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟି ବିଷୟରେ ବ୍ୟବସ୍ଥାମାନ ସ୍ଥାନିତ ରହିଲା ।
ଜାତୀୟ ଶିକ୍ଷାନୀତି ୧୯୮୬କୁ ୧୯୯୨ରେ ସଂଶୋଧନ କରାଯାଇଥିଲା

ଯୌନକର୍ମୀଙ୍କ ପିଲାମାନଙ୍କ ଥଇଥାନ ସ୍କିମ୍ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଜରିଆରେ କାର୍ଯ୍ୟକାରୀ କରାଗଲା ଏବଂ ସେମାନଙ୍କ ପାଇଁ ବୈଷୟିକ ତାଲିମ୍, ସ୍ୱାସ୍ଥ୍ୟ ଯତ୍ନ ଏବଂ ପୁଷ୍ଟିର ସୁବିଧା କରାଗଲା । ପଥଚାରୀ ବାଳୁତମାନଙ୍କ ପାଇଁ

ସମନ୍ୱିତ କାର୍ଯ୍ୟକ୍ରମ ଚାଲୁ କରାଯାଇ ସେମାନଙ୍କ ପାଇଁ ଆଶ୍ରୟ, ସ୍ୱାସ୍ଥ୍ୟ ଯତ୍ନ, ଶିକ୍ଷା ଓ ମନୋରଞ୍ଜନର ସୁଯୋଗ ସୃଷ୍ଟି କରାଗଲା ।

ସଫାଇ କର୍ମଚାରୀମାନଙ୍କ ପିଲାଙ୍କ ପାଇଁ ପ୍ରାକ୍-ମାଟ୍ରିକ୍ ବୃତ୍ତିର ବ୍ୟବସ୍ଥା କରାଗଲା । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଶତକଡା ୫୦ ଲେଖାଁ ବହନ କରୁଛନ୍ତି । ଏହି ସ୍କିମ୍ ଅଧୀନରେ ଅନ୍ୟାନ୍ୟ ଅନଗ୍ରସର ଶ୍ରେଣୀସମୂହ (ଓ.ବି.ସି.)ର ପିଲାମାନେ ମଧ୍ୟ ଅନ୍ତର୍ଭୁକ୍ତ ହୋଇଛନ୍ତି ।

**ଦଶମ ପଞ୍ଚବାର୍ଷିକ ଯୋଜନା (୨୦୦୨-୨୦୦୭)-** ଏହି ଯୋଜନାରେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ଯେ, ୨୦୦୩ସୁଦ୍ଧା ସମସ୍ତ ପିଲା ସ୍କୁଲ୍‌ରେ ଭର୍ତ୍ତି ହୋଇସାରିଥିବେ, ଏବଂ ୨୦୦୭ସୁଦ୍ଧା ସେମାନେ ୫ବର୍ଷର ଶିକ୍ଷା ସମାପ୍ତ କରିସାରିଥିବେ । ସେହି ସମୟ ଭିତରେ ସାକ୍ଷରତା ଓ ମଜୁରି କ୍ଷେତ୍ରରେ ଲିଙ୍ଗଭେଦ ଅନ୍ତତଃ ଶତକଡା ୫୦ ହ୍ରାସ ହୋଇଥିବ, ଶିଶୁ ମୃତ୍ୟୁହାର ଏକ ହଜାର ଭିତରେ ୪୫କୁ ଖସି ଆସିଥିବ ଏବଂ ୨୦୧୨ ସୁଦ୍ଧା ଏହା ୨୮ଭିତରେ ସୀମିତ ହେବ । ୨୦୦୭ ସୁଦ୍ଧା ଜନନୀ ମୃତ୍ୟୁ ହାର ଏକ ହଜାର ଭିତରେ ୨ ଏବଂ ୨୦୧୨ ସୁଦ୍ଧା ୧କୁ ଖସି ଆସିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଲିଙ୍ଗ ଅନୁପାତରେ ବୃଦ୍ଧି ତଥା ଚାକିରୀ ସେବାବଳୀ ଓ ସଂସଦୀୟ ଗୃହରେ ମହିଳା ପ୍ରତିନିଧିତ୍ୱର ବୃଦ୍ଧି ମଧ୍ୟ ଲକ୍ଷ୍ୟ ପୋଷଣ କରାଯାଇଥିଲା । ଆଇ.ସି.ଡି.ଏସ୍.ର ସାର୍ବଜନୀନୀକରଣ କରାଯିବ ବୋଲି ଲକ୍ଷ୍ୟ ଘୋଷିତ ହୋଇଛି ।

କିନ୍ତୁ ଯୋଜନା କମିଶନଙ୍କ ଦ୍ୱାରା ସମ୍ପାଦିତ ମଧ୍ୟବର୍ତ୍ତୀ ସମୀକ୍ଷାରେ ଦର୍ଶାଗଲା ଯେ, ଉପରୋକ୍ତ ଲକ୍ଷ୍ୟଗୁଡିକ ଭଲ ଜଣାପଡୁଥିଲେ ହେଁ ଅବାସ୍ତବ ଥିଲା । ୧୯୮୧ରେ ଥିବା ସାକ୍ଷରତା ହାର ଶତକଡା ୨୬.୬୨ରୁ ୨୦୦୧ରେ ୨୧.୬୯କୁ ହ୍ରାସ କରିବା ପାଇଁ ଦୁଇଦଶନ୍ଧି ଲାଗିଯାଇଥିଲା, ଅଥଚ ଦଶମ ଯୋଜନା ୫ବର୍ଷ ଭିତରେ ଶତକଡା ୫୦ ହ୍ରାସ କରିଦେବାର ଲକ୍ଷ୍ୟ ରଖିଛି । ଏହି ସମୀକ୍ଷାରେ କୁହାଯାଇଛି ଯେ, ଦାରିଦ୍ର୍ୟର ବୋଝ ଅଧିକରୁ ଅଧିକ ମହିଳାମାନଙ୍କୁ ସହିବାକୁ ପଡୁଛି, ଅସଂଗଠିତ ଶ୍ରମକ୍ଷେତ୍ରରେ ନିୟୋଜିତ ମହିଳାମାନଙ୍କୁ କମ୍ ମଜୁରି ମିଳୁଥିବା ସହିତ ବିପଜ୍ଜନକ ଓ ଅସୁରକ୍ଷିତ ପରିବେଶରେ କାର୍ଯ୍ୟ କରିବାକୁ ପଡୁଛି ଓ ଶୋଷଣର ଶିକାର ହେବାକୁ ପଡୁଛି ।

## ବଜେଟ୍‌ରେ ବାଳୁତର ସ୍ଥାନ

ଭାରତରେ ୧୮ବର୍ଷରୁ କମ୍ ବୟସର ବ୍ୟକ୍ତିମାନଙ୍କୁ ବାଳୁତ ବୋଲି ବିବେଚନା କରାଯାଉଛି । ଏମାନେ ବର୍ତ୍ତମାନ ଭାରତର ଜନସଂଖ୍ୟାର ଶତକଡା ୪୨ । ସୁତରାଂ ସେମାନେ ଯେ କେବଳ ଭାରତର ଭବିଷ୍ୟତ ତାହା ନୁହେଁ, ବର୍ତ୍ତମାନ ମଧ୍ୟ । କିନ୍ତୁ ଏହା ସତ୍ତ୍ୱେ ବାସ୍ତବ ସତ୍ୟ ହେଉଛି ଅତ୍ୟନ୍ତ ପୀଡାଦାୟକ । ଗୋଟିଏ ଶିଶୁ ଓ ବିଶେଷ କରି କନ୍ୟାଶିଶୁର ଜୀବନ ଏବେବି ସୁରକ୍ଷିତ ନୁହେଁ । ଜନଗଣନାରୁ ଜଣାପଡେ, ଲିଙ୍ଗ ଅନୁପାତ, ଅର୍ଥାତ୍ ପୁରୁଷ ତୁଳନାରେ ମହିଳା ସଂଖ୍ୟା କମିକମି ଚାଲିଛି । କିନ୍ତୁ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଅଧିକ ପୁଂଜିଲଗାଣ ଓ ତହିଁର ପରିଣତିରେ ଯାହାକିଛି ବିକାଶ ଘଟୁଛି, ତାହାର ଲେଶ୍ ମାତ୍ର ପ୍ରତିଫଳନ ବାଳୁତର ସ୍ଥିତି କ୍ଷେତ୍ରରେ ଦେଖିବାକୁ ମିଳୁନି ।

କେନ୍ଦ୍ରୀୟ ବଜେଟ୍‌ରେ ବାଳୁତ ପିଛା କେତେ ଅର୍ଥରାଶି ପ୍ରସ୍ତାବିତ ହୁଏ ଓ ପରେ କେତେ ଖର୍ଚ୍ଚ ହୁଏ, ଅର୍ଥାତ୍ ବାଳୁତର ସ୍ୱାର୍ଥ ଦୃଷ୍ଟିରୁ ବଜେଟ୍‌ର ବିଶ୍ଳେଷଣ କରିବାକୁ ଏବେ ବାଳୁତ-କୈନ୍ଦ୍ରିକ ବଜେଟ୍ ଚର୍ଚ୍ଚା ବୋଲି କୁହାଯାଉଛି । କେନ୍ଦ୍ରୀୟ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ ୨୦୦୩-୦୪ରୁ ଏପ୍ରକାର ଚର୍ଚ୍ଚା ନିଜେ ଆରମ୍ଭ କରିଛି । ବର୍ତ୍ତମାନ ୟୁନିସେଫ୍ ସହାୟତାରେ ମନ୍ତ୍ରଣାଳୟ ଏହି କାର୍ଯ୍ୟ କରୁଛି ।

## ୨୦୦୪-୨୦୦୭ ଭିତରେ କେନ୍ଦ୍ରୀୟ ବଜେଟ୍‌ରେ ବାଳୁତର ସ୍ଥିତି

| ଆର୍ଥିକ ବର୍ଷ | ସମଗ୍ର ବାଳୁତ ବଜେଟ୍‌ରେ ବାଳୁତ ସ୍ୱାସ୍ଥ୍ୟ ପାଇଁ ବଜେଟ୍‌ର ଶତକଡା ପରିମାଣ | ସମଗ୍ର ବାଳୁତ ବଜେଟ୍‌ରେ ବାଳୁତ ବିକାଶ ପାଇଁ ବଜେଟ୍‌ର ଶତକଡା ପରିମାଣ | ସମଗ୍ର ବାଳୁତ ବଜେଟ୍‌ରେ ବାଳୁତ ଶିକ୍ଷା ପାଇଁ ବଜେଟ୍‌ର ଶତକଡା ପରିମାଣ | ସମଗ୍ର ବାଳୁତ ବଜେଟ୍‌ରେ ବାଳୁତ ସୁରକ୍ଷା ପାଇଁ ବଜେଟ୍‌ର ଶତକଡା ପରିମାଣ | ସମଗ୍ର କେନ୍ଦ୍ରୀୟ ବଜେଟ୍‌ରେ ବାଳୁତ ବଜେଟ୍‌ର ଶତକଡା ପରିମାଣ |
|---|---|---|---|---|---|
| ୨୦୦୪-୨୦୦୫ | ୦.୪୨୩ | ୦.୪୨୨ | ୧.୫୬୭ | ୦.୦୩୩ | ୨.୪୪୫ |
| ୨୦୦୫-୨୦୦୬ | ୦.୫୨୭ | ୦.୬୫୮ | ୨.୬୩୮ | ୦.୦୩୪ | ୩.୮୫୭ |
| ୨୦୦୬-୨୦୦୭ | ୦.୫୫୬ | ୦.୮୩୦ | ୩.୪୮୭ | ୦.୦୩୪ | ୪.୯୦୭ |

***ଉତ୍ସ- ଭାରତ ସରକାରଙ୍କ ବ୍ୟୟ ଅଟକଳକୁ ଭିତ୍ତି କରି କେନ୍ଦ୍ରୀୟ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ ପ୍ରସ୍ତୁତ କରିଥିବା ସାରଣୀ, ଯାହାକି ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ଉପଲବ୍ଧ***

ଉଲ୍ଲିଖିତ ସାରଣୀରୁ ସୂଚୀତ ହୁଏ ଯେ, ବାଳୁତ ସଂଖ୍ୟା ସମଗ୍ର ଜନସଂଖ୍ୟାର ଶତକଡା ୪୨ ହୋଇଥିବା ବେଳେ ୨୦୦୬-୦୭ର ସମଗ୍ର କେନ୍ଦ୍ରୀୟ ବଜେଟ୍‌ରେ ଅତ ବେଶିରେ ପ୍ରାୟ ଶତକଡା ୫ ଖର୍ଚ୍ଚ ହୋଇଛି । ପୁଣି ବାଳୁତ ସୁରକ୍ଷା ଏକ ଅତ୍ୟନ୍ତ ଜରୁରୀ ବିଷୟ ହୋଇଥିବା ସ୍ଥଳେ ସମଗ୍ର ବାଳୁତ ବଜେଟ୍‌ର ମାତ୍ର ଶତକଡା ୦.୦୩୪ ଖର୍ଚ୍ଚ ହୋଇଛି ।

ଉକ୍ତ ମନ୍ତ୍ରଣାଳୟର ୱେବ୍‌ସାଇଟ୍ ସୂତ୍ରରୁ ପୁଣି ଜଣାପଡେ ଯେ, ଅନ୍ୟ ଦେଶମାନଙ୍କ ତୁଳନାରେ ଭାରତରେ ମୋଟ୍ ଘରୋଇ ଉତ୍ପାଦନର ଆନୁପାତିକ ଅଂଶବିଶେଷ ହିସାବରେ ବାଳୁତମାନଙ୍କ ସ୍ୱାସ୍ଥ୍ୟ, ବିକାଶ, ଶିକ୍ଷା ଓ ସୁରକ୍ଷା ପିଛା ବ୍ୟୟ ଅତ୍ୟନ୍ତ ସ୍ୱଳ୍ପ । ଯେତେବେଳେ ବି ସେଥିରେ କିଛି ବୃଦ୍ଧି ଘଟୁଛି, ତାହା ଜାତୀୟ ଉତ୍ପାଦନ ଓ ଆୟରେ ବୃଦ୍ଧି ତୁଳନାରେ ବେଶ୍ କମ୍ । ଏହା ଫଳରେ ସମାଜରେ ଶ୍ରେଣୀ ବ୍ୟବଧାନ ଏବଂ ଅସମାନତା ବୃଦ୍ଧି ଘଟିଚାଲିଛି, ଏବଂ ତା ଫଳରେ କେତେକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଅଭିବୃଦ୍ଧି ଲକ୍ଷ୍ୟ ମଧ୍ୟ ପୂରଣ ହୋଇପାରୁନି ।

ବିଶେଷ କରି ଦୁସ୍ଥିତି-ଗ୍ରସ୍ତ ବାଳୁତ ଗୋଷ୍ଠୀ, ଯଥା ପଥଚାରୀ ବାଳୁତ, ଦାଦନ ଖଟୁଥିବା ବାଳୁତ ଶ୍ରମିକ, ପରିତ୍ୟକ୍ତ ଓ ଅନାଥ ଶିଶୁ, ଚାଲାଣ ଓ ଦୁର୍ବ୍ୟବହାରର ଶୀକାର ହେଉଥିବା ବାଳୁତଙ୍କ ସୁରକ୍ଷାର ଆବଶ୍ୟକତା ପ୍ରତି ବଜେଟ୍ ପ୍ରସ୍ତୁତି ବେଳେ ଧ୍ୟାନ ଦିଆଯାଇନାହିଁ । ରାଜ୍ୟମାନଙ୍କରେ ମଧ୍ୟ ଅବସ୍ଥା ତଦ୍ରୁପ । ବଜେଟ୍ ବିଶ୍ଳେଷଣରୁ ଜଣାପଡିଛି, ୨୦୦୦ରୁ ୨୦୦୫ ଭିତରେ କେନ୍ଦ୍ର ସରକାର ପ୍ରତି ବର୍ଷ ଖର୍ଚ୍ଚ କରିଥିବା ପ୍ରତି ୧୦୦ଟଙ୍କାରେ ବାଳୁତ ସୁରକ୍ଷା ବାବଦରେ ଖର୍ଚ୍ଚ ହୋଇଥିଲା ମାତ୍ର ୩ ପଇସା, ଏବଂ ସ୍ୱାସ୍ଥ୍ୟ ପାଇଁ ୪୦ ପଇସା, ବାଳୁତ ବିକାଶ ପାଇଁ ୪୫ପଇସା ଏବଂ ପ୍ରାଥମିକ ଶିକ୍ଷା ବାବଦକୁ ଦେଢ ଟଙ୍କା ।

**ଦଶମ ପଞ୍ଚବାର୍ଷିକ ଯୋଜନାରେ କେନ୍ଦ୍ରୀୟ ବଜେଟ୍‌ରେ ଶତକଡା ବାଳୁତ ଅଂଶ**

| ବିଷୟ | ବଜେଟ୍ ଅଟକଳ (୨୦୦୦-୦୭) | ସଂଶୋଧିତ ଅଟକଳ (୨୦୦୦-୦୭) | ଅଗ୍ରୀମ ଅଟକଳ (୨୦୦୦-୨୦୦୫) |
|---|---|---|---|
| ବାଳୁତ ସ୍ୱାସ୍ଥ୍ୟ | ୦.୦୬୪ | ୦.୪୭୫ | ୦.୪୦୧ |
| ବାଳୁତ ବିକାଶ | ୦.୫୨୫ | ୦.୪୫ | ୦.୪୫୬ |
| ବାଳୁତ ଶିକ୍ଷା | ୧.୯୩୩ | ୧.୬୪୭ | ୧.୫୧୪ |
| ବାଳୁତ ସୁରକ୍ଷା | ୦.୦୩୨ | ୦.୦୨୮ | ୦.୦୨୮ |
| କେନ୍ଦ୍ରୀୟ ବଜେଟ୍ | ୧୦୦ | ୧୦୦ | ୧୦୦ |

***ଉତ୍ସ- ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ/ବିଭାଗର ବ୍ୟୟଦାବୀସମୂହକୁ ଭିତ୍ତି କରି କେନ୍ଦ୍ରୀୟ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ ପ୍ରସ୍ତୁତ କରିଥିବା ସାରଣୀ, ଯାହାକି ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ଉପଲବ୍ଧ***

ଶ୍ରମ ମନ୍ତ୍ରଣାଳୟର ନାଗରିକ ସନନ୍ଦ ଅନୁଯାୟୀ ଦଶମ ଯୋଜନା ଶେଷ ସୁଦ୍ଧା ଦେଶରୁ ବାଳୁତ ଶ୍ରମ ପୁରାପୁରି ବିଲୋପ ପାଇଯିବା କଥା । ଖୋଦ୍ ଭାରତ ସରକାରଙ୍କ ହିସାବ ଅନୁଯାୟୀ ପ୍ରତି ବାଳୁତ ଶ୍ରମିକକୁ ନିୟମିତ ଶିକ୍ଷାନୁଷ୍ଠାନରେ ଭର୍ତ୍ତି କରିବା ପାଇଁ ଦରକାର ୩୫୬୯ ଟଙ୍କା । ୨୦୦୧ ଜନଗଣନା ଅନୁଯାୟୀ ଦେଶରେ ମୋଟ ବାଳୁତ ଶ୍ରମିକ ଥିଲେ ୧,୨୫,୯୧,୬୬୭, ଅର୍ଥାତ୍ ସମ୍ବିଧାନର ଧାରା ୨୧-ଏ ଅନୁଯାୟୀ ସେମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ଦରକାର ବର୍ଷକୁ ୮୪୪୯୩.୯୬୬ଟଙ୍କା । କିନ୍ତୁ ୨୦୦୫-୦୬ର ସଂଶୋଧିତ ଅଟକଳରେ ଦେଖାଗଲା ଆବଶ୍ୟକତା ଠାରୁ ବ୍ୟୟ ମଞ୍ଜୁରି ଭିତରେ ଏକ ସୁବିଶାଳ ବ୍ୟବଧାନ (୪୩୬୮.୫୧୬ ଟଙ୍କା) ରହିଛି ।

କେନ୍ଦ୍ରୀୟ ବଜେଟ୍‌ରେ ୧୯୯୩-୯୪ରେ ସ୍ୱାସ୍ଥ୍ୟ ବାବଦରେ ମୁଣ୍ଡପିଛା ଖର୍ଚ୍ଚ ୮୯ଟଙ୍କା ଥିବା ବେଳେ ୨୦୦୩-୦୪ରେ ୧୨୨ଟଙ୍କାକୁ ବୃଦ୍ଧି ପାଇଛି । ଏହା ସତ୍ତ୍ୱେ ଏହି ପରିମାଣ ଅତ୍ୟନ୍ତ ଅକୁଳାଣ । ବସ୍ତୁତଃ ସ୍ୱାସ୍ଥ୍ୟ ହେଉଛି ରାଜ୍ୟମାନଙ୍କର ମୌଳିକ ଦାୟିତ୍ୱ । କିନ୍ତୁ ରାଜ୍ୟମାନେ ଏ ଦିଗରେ ଅତି ନଗଣ୍ୟ ବ୍ୟୟ କରିଥାନ୍ତି ଓ ଏ କ୍ଷେତ୍ରରେ ରାଜ୍ୟ-ରାଜ୍ୟ ଭିତରେ ମଧ୍ୟ ବେଶ୍ ତାରତମ୍ୟ ରହିଛି । ଉଦାହରଣ ସ୍ୱରୂପ, ୨୦୦୩-୦୪ରେ ସ୍ୱାସ୍ଥ୍ୟ ସମେତ ସର୍ବସାଧାରଣ କଲ୍ୟାଣ ବାବଦକୁ ମୁଣ୍ଡପିଛା ବିହାର ୭୭ଟଙ୍କା, ଉତ୍ତରପ୍ରଦେଶ ୯୧ଟଙ୍କା ଓ ରାଜସ୍ଥାନ ୯୮ଟଙ୍କା ଖର୍ଚ୍ଚ କରିଥିବା ବେଳେ କେରଳ ୨୭୫ଟଙ୍କା, ପଞ୍ଜାବ ୨୯୪ଟଙ୍କା ଓ ଦିଲ୍ଲୀ ୪୮୫ଟଙ୍କା ଖର୍ଚ୍ଚ କରିଛି । ପୁଣି ଲକ୍ଷ୍ୟ କରାଯାଇଛି, ଯଦି କେନ୍ଦ୍ର ସରକାର କୌଣସି ଏକ ସ୍କିମ୍ ବାବଦରେ ଖର୍ଚ୍ଚ କରନ୍ତି, ସେହିସ୍ଥଳେ ରାଜ୍ୟମାନେ ସେହି ବାବଦରେ ନିଜ ନିଜର ବ୍ୟୟ କମାଇ ଦେଇଥାନ୍ତି ।

ବିବିଧ କେନ୍ଦ୍ରୀୟ ସ୍କିମ୍‌ରେ ରାଜ୍ୟମାନଙ୍କୁ ନିଜ ନିଜର ଅନୁରୂପ ଅନୁଦାନ ମିଶାଇବାକୁ ପଡିଥାଏ । କିନ୍ତୁ ଲକ୍ଷ୍ୟ କରାଯାଉଛି ଯେ, ରାଜ୍ୟମାନେ ଏପ୍ରକାର ଅନୁରୂପ ଅନୁଦାନ ଦେବା ପାଇଁ ନିଜର କ୍ଷମତା ହରାଇ ଚାଲିଛନ୍ତି । ଏହାର କାରଣ ସେମାନଙ୍କ ଉପରେ ବକେୟା ଋଣ ଓ ତହିଁର ସୁଧ ପରିଶୋଧର ବୋଝ ସହିତ ନିଜର ଅଣ-ଉନ୍ନୟନ ବାବଦ ବ୍ୟୟ କ୍ରମାଗତ ଭାବେ ବଢିବଢି ଚାଲିଛି । ପୁଣି ଆଉ ଏକ ବିଡମ୍ବନା ଦୃଷ୍ଟିଗୋଚର ହୁଏ, ଯେଉଁସବୁ ରାଜ୍ୟରେ ବାଳୁତସଂଖ୍ୟା ତୁଳନାତ୍ମକ ଭାବେ ଅଧିକ, ସେମାନେ ବାଳୁତଙ୍କ ଉପରେ କମ୍ କର୍ଚ୍ଚ କରିଥାନ୍ତି ।

ଉଦାହରଣ ସ୍ୱରୂପ, ବାଳୁତ ସୁରକ୍ଷା ବାବଦରେ ୨୦୦୦ରୁ ୨୦୦୫ ଭିତରେ ହାରାହାରି ବର୍ଷକୁ ମୋଟ ରାଜ୍ୟ ବଜେଟ୍‌ର ମାତ୍ର ଶତକଡା ୦.୧୬ ଖର୍ଚ୍ଚ କରିଛି ଆନ୍ଧ୍ର ପ୍ରଦେଶ, ଶତକଡା ୦.୦୬ କରିଛି ହିମାଚଳ ପ୍ରଦେଶ, ଏବଂ ଓଡିଶା କରିଛି ମାତ୍ର ଶତକଡା ୦.୦୪ ।

ବାଳୁତ ବଜେଟ୍ କ୍ଷେତ୍ରରେ ନିମ୍ନୋକ୍ତ ମୁଖ୍ୟ ସମସ୍ୟାମାନ ପରିଲକ୍ଷିତ ହୋଇଆସୁଛି-

- ବଜେଟ୍ ଅଟକଳ ଓ ପ୍ରକୃତ ବ୍ୟୟ ଭିତରେ ପାର୍ଥକ୍ୟ ;
- କେନ୍ଦ୍ରରୁ ରାଜ୍ୟମାନଙ୍କୁ ପାଣ୍ଠି ସରବରାହ କ୍ଷେତ୍ରରେ ସମସ୍ୟା ;
- କେନ୍ଦ୍ରୀୟ ସହାୟତା ସ୍କିମ୍‌ଗୁଡିକ କ୍ଷେତ୍ରରେ ରାଜ୍ୟମାନେ ଅନୁପୂରକ ଅନୁଦାନ ମଞ୍ଜୁର କରିବାରେ ଅକ୍ଷମତା ;
- ପାଣ୍ଠିର ତୋଷରପାତ ଓ ଦୁରୁପଯୋଗକୁ ରୋକିବା ପାଇଁ ଉପଯୁକ୍ତ ପଦ୍ଧତିର ଅଭାବ ;
- ବାହ୍ୟ ସାହାଯ୍ୟ ଉପରେ ନିର୍ଭରଶୀଳତା ;
- ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ସ୍ତରରେ ଯୋଜନା ପ୍ରସ୍ତୁତି କ୍ଷେତ୍ରରେ ଅପାରଗତା ; ତଥା
- ପଞ୍ଚବାର୍ଷିକ ଯୋଜନାର ପ୍ରସ୍ତୁତି, ମଧ୍ୟବର୍ତ୍ତୀ ସମୀକ୍ଷା ଏବଂ ଚୂଡାନ୍ତ ସମୀକ୍ଷା ବେଳେ ଯୋଜନା କମିଶନ୍, ଅର୍ଥ ମନ୍ତ୍ରଣାଳୟ ଏବଂ ବାଳୁତ ସୁରକ୍ଷା ସହ ସଂପର୍କୀତ ବିଭିନ୍ନ ମନ୍ତ୍ରଣାଳୟ/ ବିଭାଗ ଭିତରେ ଉପଯୁକ୍ତ ଯୋଗାଯୋଗ ଓ ସମନ୍ୱୟର ଅଭାବ ।

ଜାତୀୟ ବାଳୁତ କର୍ମ ଯୋଜନା ୨୦୦୫ରେ ବାଳୁତମାନଙ୍କ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟଗଣ ସମୁଚିତ ଦୃଷ୍ଟିଭଙ୍ଗୀ ଓ କାର୍ଯ୍ୟକ୍ରମ ଗ୍ରହଣ କରିବା ଉପରେ ଅଗ୍ରାଧିକାର ଆରୋପ କରିଛି । ହୁଏତ୍ କେନ୍ଦ୍ର ସରକାର ବାଳୁତ ବିକାଶ ପାଇଁ ରାଜ୍ୟମାନଙ୍କୁ ଅଧିକ ପାଣ୍ଠି ଯୋଗାଇବେ ନଚେତ୍ ରାଜ୍ୟମାନେ ବାଳୁତମାନଙ୍କ ପାଇଁ ସେମାନଙ୍କର ଅଙ୍ଗୀକାର ପୂରଣ ପାଇଁ ସେମାନଙ୍କ ଉପରେ ଆବଶ୍ୟକୀୟ ଚାପ ପକାଯିବ । ବାଳୁତ ବାବଦ ସମସ୍ତ ବ୍ୟୟକୁ କେବଳ ଯୋଜନା ବ୍ୟୟ ବୋଲି ଦର୍ଶାଯିବ ଏବଂ ଅଣ-ଯୋଜନା ବ୍ୟୟ ଅଧୀନରେ ମୋଟେ ସ୍ଥାନିତ ହେବ ନାହିଁ । ଯେଉଁସବୁ ଜିଲ୍ଲାରେ ଗୁରୁତର ବାଳୁତ ସମସ୍ୟା ରହିଛି, ଯଥା ଭ୍ରୁଣ ହତ୍ୟା, ହିଂସା, ନିର୍ଯ୍ୟାତନା, ଅପରାଧ, ଲିଙ୍ଗୀୟ ଶୋଷଣ ଓ ଚାଲାଣ ଇତ୍ୟାଦି, ସେହିସବୁ ଜିଲ୍ଲା ପାଇଁ ବାଳୁତ ବଜେଟ୍‌ରେ ଅଗ୍ରାଧିକାର ସହକାରେ ଅତିରିକ୍ତ ଅର୍ଥବ୍ୟୟ କରାଯିବ । ଏହାଛଡା ବାଳୁତ ବିକାଶ ପ୍ରତି ଉଭୟ ଯୋଜନା କମିଶନ୍ ଓ ଅର୍ଥ ମନ୍ତ୍ରଣାଳୟ ଉପଯୁକ୍ତ ଧ୍ୟାନ ଦେବାର ଜରୁରୀ ଆବଶ୍ୟକତା ରହିଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଥିବା ସମନ୍ୱିତ ବାଳୁତ ସୁରକ୍ଷା ପ୍ରକଳ୍ପର କାର୍ଯ୍ୟକରିତା ଏଦିଗରେ ଏକ ଅଗ୍ରଗାମୀ ଭୂମିକା ଅବଲମ୍ବନ କରିପାରିବ । ଏକାଦଶ ପଞ୍ଚବାର୍ଷିକ ଯୋଜନା (୨୦୦୭-୧୨) ଅଧୀନରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ତଦନୁଯାୟୀ ଆଚରଣ କରିବେ ବୋଲି ଆଶା ପୋଷଣ କରାଯାଇଛି ।

*(ଉତ୍ସ- ଭାରତ ସରକାରଙ୍କ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟର ୱେବ୍‌ସାଇଟ୍ **http://wcd.nic.in/BudgetingChildProtection.pdf** )*

## ସରକାରୀ ସ୍ତରରେ ବାଳୁତ ସଂପର୍କୀତ ବିଭିନ୍ନ ଆଇନ୍ ଗୁଡିକର ସାଂପ୍ରତିକ ସ୍ଥିତି

*(କେନ୍ଦ୍ର ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟର ବାର୍ଷିକ ବିବରଣୀ ୨୦୦୯-୧୦ ଅନୁଯାୟୀ)*

| ଆଇନ୍‌ର ନାମ | ସ୍ଥିତି |
|---|---|
| ଅନୈତିକ ଚାଲାଣ (ପ୍ରତିଷେଧ) ଆଇନ୍ ୧୯୫୬ | ଏହି ଆଇନ୍‌ର ସଂଶୋଧନ ପାଇଁ ପ୍ରସ୍ତାବିତ ସୁପାରିଶ୍ ଉପରେ ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀଗୋଷ୍ଠୀଙ୍କର ୩ଥର ବୈଠକ ଅନୁଷ୍ଠିତ ହୋଇସାରିଛି । ଏହି ସୁପାରିଶ୍ ଗୁଡିକ ଉପରେ କ୍ୟାବିନେଟ୍‌ଙ୍କ ଅବଗତି ନିମିତ୍ତ ମନ୍ତ୍ରଣାଳୟ ଏକ ନୋଟ୍ ପ୍ରସ୍ତୁତି କରୁଛି । |
| ମେଡିକାଲ୍ ପଦ୍ଧତିରେ ଗର୍ଭପାତ ଆଇନ୍ ୧୯୭୧ | ଏହି ଆଇନ୍ ୨୦୦୨ରେ ସଂଶୋଧିତ ହୋଇଥିଲା, ଏବଂ ପୁନରାୟ ସଂଶୋଧନର ପ୍ରସ୍ତାବମାନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବିଚାରାଧୀନ ଅଛି । ଏହି ଉଦ୍ଦେଶ୍ୟରେ ଦୁଇଟି ଉପ-ଗୋଷ୍ଠୀ ଅନୁଷ୍ଠିତ ହେବା ସହିତ ଗୋଟିଏ କମିଟି ଗଠିତ ହୋଇଛି । ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟର ଅବଗତି ପାଇଁ ସୁପାରିଶ୍ ଗୁଡିକୁ ପଠାଇବା ପୂର୍ବରୁ ସେଗୁଡିକୁ ଚୁଡାନ୍ତ ରୂପ ଦେବା ଉଦ୍ଦେଶ୍ୟରେ ଗତ ୯ଜୁଲାଇ ୨୦୦୮ରେ ଅନୁଷ୍ଠିତ ଗୋଟିଏ ବୈଠକରେ ଆଲୋଚନା ହୋଇସାରିଛି । |
| ଅଭିଭାବକ ଓ ପ୍ରତିପାଲ୍ୟ ଆଇନ୍, ୧୮୯୦ | ଏହି ଆଇନ୍‌ର ସଂଶୋଧନ ଉପରେ କ୍ୟାବିନେଟ୍‌ର ଅବଗତି ପାଇଁ ଏକ ଚିଠା ନୋଟ୍ ପ୍ରସ୍ତୁତ କରାଯାଇ ଆଇନ୍ ବିଭାଗ ଠାରୁ ସହମତି ଅଣାଯାଇଛି ଏବଂ ବର୍ତ୍ତମାନ ତାହାକୁ ସଂପୃକ୍ତ ମନ୍ତ୍ରଣାଳୟ ଓ ବିଭାଗମାନଙ୍କ ନିକଟକୁ ସେମାନଙ୍କର ମତାମତ ପାଇଁ ପଠାଯାଇଛି । |
| ହିନ୍ଦୁ ପୋଷ୍ୟଗ୍ରହଣ ଓ ଭରଣପୋଷଣ ଆଇନ୍ ୧୯୫୬ | ଏହି ଆଇନ୍‌ର ସଂଶୋଧନ ଉପରେ କ୍ୟାବିନେଟ୍‌ର ଅବଗତି ପାଇଁ ଏକ ଚିଠା ନୋଟ୍ ପ୍ରସ୍ତୁତ କରାଯାଇ ଆଇନ୍ ବିଭାଗ ଠାରୁ ସହମତି ଅଣାଯାଇଛି ଏବଂ ବର୍ତ୍ତମାନ ତାହାକୁ ସଂପୃକ୍ତ ମନ୍ତ୍ରଣାଳୟ ଓ ବିଭାଗମାନଙ୍କ ନିକଟକୁ ସେମାନଙ୍କର ମତାମତ ପାଇଁ ପଠାଯାଇଛି । |
| ହିନ୍ଦୁ ନାବାଳକତ୍ୱ ଓ ଅଭିଭାବକତ୍ୱ ଆଇନ୍ ୧୯୫୬ | ବର୍ତ୍ତମାନ ସୁଦ୍ଧା ଆଇନ୍ ବିଭାଗ ଏହି ଆଇନ୍‌ରେ ସଂଶୋଧନ ପାଇଁ କୌଣସି ଆବଶ୍ୟକତା ଅନୁଭବ କରିନାହିଁ । କିନ୍ତୁ ଏ ବିଷୟରେ ଜାତୀୟ ମହିଳା କମିଶନ୍, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ପ୍ରବାସୀ ଭାରତୀୟ ବ୍ୟାପାର ମନ୍ତ୍ରଣାଳୟ ଓ ଆଇନ୍ ବିଭାଗ ସହ ଆଲୋଚନା ଅବ୍ୟାହତ ରହିଛି । |
| ବାଳୁତ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍ ୧୯୫୬ | ଶ୍ରମ ମନ୍ତ୍ରଣାଳୟ ସ୍ତରରେ ନିମ୍ନୋକ୍ତ ବିଷୟରେ ପଦକ୍ଷେପ ନେବାର ଆବଶ୍ୟକତା ଅଛି-<br>୧- ଏହି ଆଇନ୍‌ର ଧାରା ୧୩(୧)ରେ ବାଳୁତ ଶ୍ରମିକମାନଙ୍କର ଶିକ୍ଷା ପାଇଁ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିବାର ପ୍ରସ୍ତାବ ଉପରେ ରାଜ୍ୟ ସରକାରମାନଙ୍କର ମତାମତ ଗ୍ରହଣ କରିବା ।<br>୨- କୌଣସି ସଂସ୍ଥାରେ ୧୧ବର୍ଷରୁ କମ୍ ପିଲାମାନଙ୍କୁ ଶ୍ରମନିଯୁକ୍ତି ଦେବା ଉପରେ ନିଷେଧାଜ୍ଞା ପ୍ରସ୍ତାବ ଉପରେ ନିଜର ମତାମତ ଦେବା ।<br>୩- ଧାରା ୧୪(୩) ଅଧୀନରେ ନ୍ୟୁନତମ ଜୋରିମାନାକୁ ୨ହଜାର ଟଙ୍କାକୁ ବୃଦ୍ଧି କରିବା ।<br>ଉପରୋକ୍ତ ବିଷୟଗୁଡିକ ଉପରେ ରାଜ୍ୟମାନଙ୍କର ପରାମର୍ଶଗୁଡିକୁ ଗ୍ରହଣ କରିନିଆଯାଇଛି ଏବଂ ତଦନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । କିନ୍ତୁ ନ୍ୟୁନତମ ଜୋରିମାନା ଉପରେ ସଂଶୋଧନ ପ୍ରସ୍ତାବ ଗ୍ରହଣୀୟ ହୋଇପାରିନି । |
| ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ୍ ୨୦୦୦ | ମହିଳା ଓ ବାଳୁତମାନଙ୍କ ବିରୁଦ୍ଧରେ କ୍ରମବର୍ଦ୍ଧିଷ୍ଣୁ ଅପରାଧ ଦୃଷ୍ଟିରୁ ଏହି ଆଇନ୍‌ର ସମୀକ୍ଷା କରାଯିବା ଆବଶ୍ୟକ । ଏ ବିଷୟରେ କ୍ୟାବିନେଟ୍ ପ୍ରସ୍ତୁତ ଏକ ନୋଟ୍ ପ୍ରସାରିତ ହୋଇସାରିଛି ଓ ମତାମତ ମଧ୍ୟ ସଂଗୃହୀତ ହୋଇସାରିଛି । |

| | |
|---|---|
| ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ(ଅପବ୍ୟବହାର ନିୟନ୍ତ୍ରଣ ଓ ପ୍ରତିଷେଧ) ଆଇନ୍ ୧୯୯୪ | ଏହି ଆଇନ୍ ସଂଶୋଧନ ହୋଇ ପ୍ରାକ୍-ଗର୍ଭଧାରଣ ଓ ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଲିଙ୍ଗ ନିରୂପଣର ନିଷେଧ) ଆଇନ୍ ୨୦୦୨ ରୂପେ ପୁନର୍ନାମିତ ହୋଇସାରିଛି ଏବଂ ୧୪.୨.୨୦୦୩ରୁ ସଂଶୋଧିତ ରୂପରେ ବଳବତ୍ତର ରହିଛି । |
| ବାଲ୍ୟ ବିବାହ ନିୟନ୍ତ୍ରଣ ଆଇନ୍ ୧୯୨୯ | ଏହି ପ୍ରତ୍ୟାହାର ହେବସ ସହିତ ବାଲ୍ୟ ବିବାହ ନିଷେଧ ଆଇନ୍ ୨୦୦୬ ନାମକ ଏକ ନୂତନ ଆଇନ୍ ୧୧.୧.୨୦୦୭ରେ ଗେଜେଟ୍‌ରେ ପ୍ରକାଶ ପାଇ ୧ ନଭେମ୍ବର ୨୦୦୭ଠାରୁ ବଳବତ୍ତର ହୋଇସାରିଛି । |
| ଭାରତୀୟ ଉତ୍ତରାଧିକାର ଆଇନ୍ ୧୯୨୫ | ଏହି ଆଇନ୍ ସଂଶୋଧନ ହୋଇସାରିଛି । |
| ହିନ୍ଦୁ ଉତ୍ତରାଧିକାର ଆଇନ୍ ୧୯୫୬ | ବର୍ତ୍ତମାନ ଏହା ସଂଶୋଧିତ ହୋଇ ହିନ୍ଦୁ ଉତ୍ତରାଧିକାର (ସଂଶୋଧନ) ଆଇନ୍ ୨୦୦୫ ଭାବେ ପରିଚିତ ଏବଂ ୯.୯.୨୦୦୫ରୁ ବଳବତ୍ତର । ଏହି ସଂଶୋଧନର ଉଦ୍ଦେଶ୍ୟ ହେଉଛି କୃଷିଜମି ସମେତ ସଂପତ୍ତିର ଉତ୍ତରାଧିକାରରେ ଝିଅମାନଙ୍କୁ ସମାନ ଅଧିକାର ପ୍ରଦାନ କରିବା । |